୬ ଭାରତୀୟ ବକ୍ସର ପ୍ରୀତି ପାୱାର ଏବଂ ଜାସ୍ମିନ ଜିତିଲେ ସ୍ୱର୍ଣ୍ଣ ପଦକ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୮୩ ● ୨ ଅଗଷ୍ଟ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-183 ● 2nd August 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୬ ବିଭାଗର ୧୧ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

# କାର୍ଯ୍ୟକାରୀ ହେବ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୬ଟି ବିଭାଗର ମୋଟ ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ । ସୂଚନା ଅନୁସାରେ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ତେବେ ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟିରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୭୦୦୦ ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ବର୍ତ୍ତମାନ ଭୂତଳ ପାଇପଲାଇନ (ମାଧ୍ୟାକର୍ଷଣ ପ୍ରବାହ)ବ୍ୟବସ୍ଥା ମାଧ୍ୟମରେ ୯ ଗୋଟି ପ୍ୟାକେଜରେ କରାଯିବାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ଟ.୧୪୫,୭୦,୮୯,୮୦୨ ଓ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବ୍ୟକ୍ଷଣନିମିତ ଟ.୭,୩୦,୦୦,୧୯୯ ଟେଣ୍ଡରଟିକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ପ୍ରକଳ୍ପଟି ଚବିଶି ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଅଛି ।

ଏହି ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱର ଜିଲ୍ଲାର ସୋରୋ ଓ ଓଉପଦାର ୭୧୭୧.୭୭ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଯୋଗାଇ ଦେବ ।

ଅନୁସୂଚିତ ଜନଜାତି ତଥା ବିଶେଷ ଭାବେ ଅନୁନ୍ନତ ଜନଜାତି ପରିବାରମାନଙ୍କର ଆୟ ବୃଦ୍ଧି ଓ ସାମଗ୍ରିକ ଜୀବନଧାରଣର ମାନରେ ଉନ୍ନତି ଲକ୍ଷ୍ୟରେ, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦'କୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି।


ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ପ୍ରଥମ ପର୍ଯ୍ୟାୟର ସଫଳତାକୁ ଆଧାର କରି ଆରମ୍ଭ ହେଉଥିବା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦ ରାଜ୍ୟର ସମସ୍ତ ଜନଜାତି ଉପ–ଯୋଜନା ବ୍ଲକ ଏବଂ ଅଣୁ ପ୍ରକଳ୍ପ କ୍ଷେତ୍ର ଗୁଡ଼ିକରେ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୮ ଲକ୍ଷ ଅନୁସୂଚିତ ଜନଜାତି ତଥା ବିଶେଷ ଭାବେ ଅନୁନ୍ନତ (ପୃଷ୍ଠା ୭ରେ)



## ଯନ୍ତରମନ୍ତର ବିକ୍ଷୋଭ ବେଳେ ଗାଳି କରିଥିବା ଛାତ୍ରଛାତ୍ରୀଙ୍କୁ କ୍ଷମା ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୮

ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ର ଆନ୍ଦୋଳନ ସମୟରେ ତାଙ୍କ ବିରୋଧରେ କରାଯାଇଥିବା ଗାଳିଗୁଲଜ ଓ ଆପତ୍ତିଜନକ ବକ୍ତବ୍ୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରାତିରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏକ ଆବେଗପୂର୍ଣ୍ଣ ଭିଡିଓ ସାର୍ବଜନୀନ କରିଛନ୍ତି। ଏଥିରେ ସେ କହିଛନ୍ତି ଯେ, କିଛି ବାଟବଣା ଯୁବକ/ଛାତ୍ର ତାଙ୍କୁ ଓ ତାଙ୍କର ସ୍ୱର୍ଗତ ମା'ଙ୍କୁ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରିଥିଲେ ସୁଦ୍ଧା, ସେ ସେମାନଙ୍କୁ କ୍ଷମା କରିଦେବାକୁ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯନ୍ତରମନ୍ତରରେ ଯାହା ଘଟିଲା ତାହା ସମଗ୍ର ଦେଶ ଦେଖିଛି। କିଛି ବିଶୃଙ୍ଖଳିତ ଯୁବକ ଏଭଳି ଭାଷା ବ୍ୟବହାର କଲେ ଯାହା ଏକ ସଭ୍ୟ ସମାଜ ପ୍ରତି ଶୋଭା ପାଏନାହିଁ। ମାତ୍ର ଗାଳିଗୁଲଜ କରିବା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ। ଯୁବପିଢ଼ିଙ୍କୁ ବାଟବଣା ପିଲା ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ (ପୃଷ୍ଠା ୭ରେ)



## ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

# ତିନି ଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧।୮ : ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ।

ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ପରିସ୍ଥିତି ଧିରେ ଧିରେ ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି।

ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ (ପୃଷ୍ଠା ୭ରେ)

## ୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ଜନ ଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ। ଶନିବାର ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶାକୁ ଅଗ୍ରୀମ କିସ୍ତିରେ ମିଳିଲା ୪୮୧୯ କୋଟି


ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଆବଣ୍ଟନ ହେବାକୁ ଥିବା ପାଣ୍ଠିରୁ କେନ୍ଦ୍ର ସରକାର ଦେଶର ୨୮ଟି ରାଜ୍ୟକୁ ଶନିବାର ଏକ ଅଗ୍ରୀମ କିସ୍ତି ପ୍ରଦାନ କରିଛନ୍ତି। ଏବାବଦରେ ମୋଟ ୧,୦୯,୦୧୯ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଛନ୍ତି। ସେଥିରୁ ଓଡ଼ିଶାକୁ ୪୮୧୯ କୋଟି ଟଙ୍କା ମିଳିଛି। ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଏବଂ ସେମାନଙ୍କ ପୁଞ୍ଜି ଓ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଏହି ରାଶି ଆଗୁଆ ଦିଆଯାଇଛି।



ଏଥିସହିତ ଆଗାମୀ ୧୦ ତାରିଖରେ ରାଜ୍ୟଗୁଡ଼ିକୁ ସେମାନଙ୍କ ସ୍ୱାଭାବିକ ଆବଣ୍ଟନ ବାବଦ ରାଶି ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରାଶି ମଧ୍ୟରୁ ଉତ୍ତରପ୍ରଦେଶକୁ ସର୍ବାଧିକ ୧୯୨୦୮ କୋଟି ଟଙ୍କା ମିଳିଛି। ସେହିଭଳି ବିହାରକୁ ୧୦୮୪୫ କୋଟି, ମଧ୍ୟପ୍ରଦେଶକୁ ୮୦୧୦ କୋଟି, ପଶ୍ଚିମବଙ୍ଗକୁ ୭୮୬୬ କୋଟି, ମହାରାଷ୍ଟ୍ରକୁ ୭୦୨୨ କୋଟି ଏବଂ ରାଜସ୍ଥାନକୁ ୬୪୬୦ କୋଟି ଟଙ୍କା ଦିଆଯାଇଛି।

## ଅଜିତ ଡୋଭାଲଙ୍କୁ ସମ୍ମାନଜନକ ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାର




ପୁଣେ, ୧।୮

ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲଙ୍କୁ ମହାରାଷ୍ଟ୍ରର ପୁଣେରେ ଆୟୋଜିତ ଏକ ସମାରୋହରେ ମର୍ଯ୍ୟାଦାଜନକ ଲୋକମାନ୍ୟ ତିଳକ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। (ପୃଷ୍ଠା ୭ରେ)

## ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୩% ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଉପ–ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଏବଂ ଅନୁଧ୍ୟାନ ଅନୁଯାୟୀ, ରାଜ୍ୟର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପୁନରୁଦ୍ଧାର ସ୍ଥିତିର ମୂଲ୍ୟାଙ୍କନ କରାଯାଇଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଅଧ୍ୟକ୍ଷତାରେ ସମସ୍ତ ଡିସକମ୍ ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶନିବାର (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଫୁଲବାଣୀ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୨୦ଟି ଆଇସିୟୁ ବେଡ୍ ଉଦଘାଟିତ।
- ଶସ୍ତା ହେଲା କମର୍ସିଆଲ ସିଲିଣ୍ଡର।
- ମଣିପୁରର ବିଭିନ୍ନ ଅଞ୍ଚଳରୁ ଦୁଇ ଜଣ ଆତଙ୍କବାଦୀ ଗିରଫ।
- କେରଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ପାଞ୍ଚ ଜଣଙ୍କର ମୃତ୍ୟୁ।
- ନୌସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଭାଇସ୍ ଆଡମିରାଲ ଏ. ଏନ୍. ପ୍ରମୋଦ।


## ଫାଇଲ ଗାଏବ ଘଟଣାରେ ନୂଆମୋଡ଼

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ନାଇଡୁ କମିଶନ ରିପୋର୍ଟ ଗାଏବ ମାମଲାକୁ ନେଇ ତଦନ୍ତରେ ଆଗକୁ ବଢ଼ିଛି କ୍ରାଇମବ୍ରାଞ୍ଚ। ଗାଏବ ହୋଇଥିବା ଫାଇଲର ତଥ୍ୟ ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖାଯାଇଛି । ସୂଚନା ଅନୁସାରେ, କ୍ରାଇମବ୍ରାଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗକୁ ଚିଠି ଲେଖି ଫାଇଲ୍ ସମ୍ପର୍କିତ ଆବଶ୍ୟକ ତଥ୍ୟ ମଗାଯାଇଛି।

ତଦନ୍ତକାରୀ ସଂସ୍ଥା ଜାଣିବାକୁ ଚାହିଁଛି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାରେ ନାଇଡୁ କମିଶନ ରିପୋର୍ଟ ସମ୍ବନ୍ଧୀୟ ଫାଇଲ୍ କେଉଁ (ପୃଷ୍ଠା ୭ରେ)

## ଇରାନ ସହିତ ଯୁଦ୍ଧରେ ଟ୍ରମ୍ପଙ୍କ ଆଭିମୁଖ୍ୟ ଅଧିକ ଆକ୍ରମଣାତ୍ମକ



ନୂଆଦିଲ୍ଲୀ, ୧।୮

ମଧ୍ୟପ୍ରାଚ୍ୟରେ ଲାଗି ରହିଛି ଉତ୍ତେଜନା। ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଧ୍ୟରେ ଇରାନ ଏକ କଡ଼ା ଚେତାବନୀ ଦେଇଛି। ଇରାନୀ ଅଧିକାରୀମାନେ କହିଛନ୍ତି ଯେ ଯଦି ଦେଶ ଉପରେ ଆକ୍ରମଣ ହୁଏ, ତେବେ ମଧ୍ୟପ୍ରାଚ୍ୟରେ ପ୍ରମୁଖ ଇସ୍ରାଏଲୀ ପ୍ରତିଷ୍ଠାନ ଏବଂ ଆମେରିକୀୟ ଶକ୍ତି ପ୍ରତିଷ୍ଠାନଗୁଡ଼ିକୁ ପ୍ରତିଶୋଧ ସ୍ୱରୂପ ଟାର୍ଗେଟ କରାଯିବ। ଇରାନର ଗଣମାଧ୍ୟମ ଅନୁଯାୟୀ, ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ କହିଛନ୍ତି ଯେ ଇରାନ ଏକ ସମ୍ପୂର୍ଣ୍ଣ ପ୍ରତିଶୋଧମୂଳକ ରଣନୀତି ପ୍ରସ୍ତୁତ କରିଛି ଏବଂ ଆବଶ୍ୟକ ହେଲେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବ।

ଅଧିକାରୀ ଜଣକ ଦାବି କରିଛନ୍ତି ଯେ ଇରାନୀ ସେନା ୪୦ ଦିନିଆ ଯୁଦ୍ଧ ଏବଂ ପରବର୍ତ୍ତୀ ସାମରିକ କାର୍ଯ୍ୟକଳାପ ସମୟରେ ଏହାର କ୍ଷମତା ଏବଂ ପ୍ରସ୍ତୁତି ପ୍ରଦର୍ଶନ କରିସାରିଛି। ଏହି ଚେତାବନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୁଦ୍ଧରେ ସମ୍ଭାବ୍ୟ ନୂତନ (ପୃଷ୍ଠା ୭ରେ)





## ଏକାଳ ପଖାଳ




କେବେ କଲବଲ ଭତ୍ତା ପାଇଁକି
କେବେ ଚାଉଳ ନାହିଁ
ବଣ୍ଟାବଣ୍ଟି ଏବେ ଘଣ୍ଟା ଘଣ୍ଟି ପୂରା
ମୁଣ୍ଡ ଘୁରେ ଘାଇଁ ଘାଇଁ
ଜାଣନ୍ତି ଜଗତ ସାଇଁ
କଣ ହେଉଛି କିଏ ସେ କରୁଛି
ଦାୟୀ କିଏ କାହା ପାଇଁ।

# ୫.୯ କୋଟିରୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ




ନୂଆଦିଲ୍ଲୀ, ୧।୮

୨୦୨୬-୨୭ ଆକଳନ ବର୍ଷ ପାଇଁ ଜୁଲାଇ ୩୧ ସୁଦ୍ଧା ୫.୯ କୋଟିରୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ ହୋଇଛି । ଆୟକର ବିଭାଗ ପକ୍ଷରୁ ଶନିବାର ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ଯେଉଁ ଆୟକରଦାତାଙ୍କର ଆକାଉଣ୍ଟ ଅଡିଟ୍ କରିବାର ଆବଶ୍ୟକତା ନାହିଁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସେମାନଙ୍କ ନିମନ୍ତେ ବିନା ଜରିମାନାରେ ଆୟକର ରିଟର୍ଣ୍ଣ (ଆଇଟିଆର୍ ୧ ଓ ୨) ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ ରହିଥିଲା ।

ତେବେ ଉପରୋକ୍ତ ଦୁଇ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେଇ ଆୟକର ରିଟର୍ଣ୍ଣ ଦାଖଲ କରିବା ସୁଯୋଗ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ରହିଛି । ଆୟକର ରିଟର୍ଣ୍ଣ ପୋର୍ଟାଲରୁ ଜଣାଯାଇଛି ଯେ ଦାଖଲ ହୋଇଥିବା ୫.୯୨ କୋଟି ରିଟର୍ଣ୍ଣ ମଧ୍ୟରୁ ୫.୪୭ କୋଟିରୁ ଅଧିକର ଯାଞ୍ଚ ଏବଂ ପ୍ରାୟ ୨.୩୮ କୋଟି (୪୦ ପ୍ରତିଶତରୁ ଅଧିକ) ରିଟର୍ଣ୍ଣର ପ୍ରୋସେସିଂ କାର୍ଯ୍ୟ ସମ୍ପାଦିତ ହୋଇଛି । ୱେବସାଇଟ୍‌ରେ ସମସ୍ୟା ଯୋଗୁ ଗତବର୍ଷ ଉକ୍ତ ଦୁଇ ବର୍ଗର ଆୟକରଦାତାଙ୍କ ପାଇଁ ରିଟର୍ଣ୍ଣ ଦାଖଲର ଶେଷ ତାରିଖ (ପୃଷ୍ଠା ୭ରେ)

## ଆଣ୍ଟି ପେପର ଲିକ୍ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

ନୂଆଦିଲ୍ଲୀ, ୧।୮

ଆଣ୍ଟି ପେପର ଲିକ୍ ସଂଶୋଧନ ବିଲ୍ ଏହି ସପ୍ତାହରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଛି । ରାଷ୍ଟ୍ରପତିଙ୍କ ସମ୍ମତି ସହିତ ଏହା ଏବେ ଆଇନରେ ପରିଣତ ହୋଇଛି। ନୂତନ ଆଇନ ଅନୁଯାୟୀ, ପେପର ଲିକ୍ ପାଇଁ ଦାୟୀ ବ୍ୟକ୍ତିମାନେ ତିନି ମାସ ମଧ୍ୟରେ ଦଣ୍ଡ ପାଇବେ। ପେପର ଲିକ୍ ବିରୋଧୀ ଆଇନରେ ସଂଶୋଧନ ବିଲ୍ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ଫଳସ୍ୱରୂପ, ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ଅଧିକ କଠୋର ହୋଇଯାଇଛି।

ନୂତନ ବ୍ୟବସ୍ଥା ଅନୁଯାୟୀ, ପେପର ଲିକ୍ ମାମଲାରେ ତିନି ମାସ ମଧ୍ୟରେ ରାୟ ପ୍ରଦାନ କରାଯିବ। ଦୋଷୀମାନଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଦଶ କୋଟି ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ବୁଧବାର ଦିନ ସଂଶୋଧନ ବିଲ୍ ଉପରେ ଭାଷଣ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ଯେ ଏହି ବିଲ୍ ପେପର୍ (ପୃଷ୍ଠା ୭ରେ)



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୨ ଅଗଷ୍ଟ ୨୦୨୬ ରବିବାର





# ଖରିଫ୍ ଫସଲ -୨୦୨୬ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଖରିଫ୍ ଫସଲ ୨୦୨୬ ପାଇଁ ଜିଲ୍ଲାସ୍ତରୀୟ ଫସଲ ଖସଡା କାର୍ଯ୍ୟକ୍ରମ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୁସ୍ମିତା ମହାନ୍ତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦେବଦାସ ଦତ, ମୁଖ୍ୟ ଜିଲ୍ଲା ସମବାୟ ନିବନ୍ଧକ, ମୃର୍ତ୍ତିକା ଓ ଜଳ ବିଭାଜିକାର ସହକାରୀ ନିର୍ଦ୍ଦେଶକ, ଜିଲ୍ଲା ପ୍ରବନ୍ଧକ ରାଜ୍ୟ ବିହନ ନିଗମ ଜିଲ୍ଲା ପ୍ରବନ୍ଧକ ଓଡିଶା ଏଲ୍‌ଡିଏମ୍ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ଜିଲ୍ଲାରେ ୨୦୨୫-୨୬ ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ, କୃଷକଙ୍କ ପଞ୍ଜିକରଣ, ସାର, ବିହନ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଆସନ୍ତା ଖରିଫ୍ ଋତୁ ପାଇଁ ପ୍ରସ୍ତୁତ ଖସଡାକୁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣର ଅଧିକାରୀମାନେ ନିଜ ବିଭାଗ ତରଫରୁ ଯୋଜନା ଓ ଆସନ୍ତା ଖରିଫ୍ ଖସଡାକୁ ଆଲୋଚନା କରାଇଥିଲେ। ଆୟୋଜିତ ଏହି ବୈଠକରେ ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ବିଭାଗ ତରଫରୁ ଆସୁଥିବା ସମସ୍ତ ଯୋଜନା ଗୁଡିକୁ ତୃଣମୂଳସ୍ତରରେ ଚାଷୀମାନଙ୍କ ନିକଟରେ ପହଁଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଅନୁଦାନ ଯୋଗାଣରେ ଅବହେଳା : ଖାଦ୍ୟ ଯୋଗାଣ ସମସ୍ୟା

## ଛାତ୍ରୀମାନେ ଫେରିଲେ ଘରକୁ : ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ୧୭ ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଚାଳନା ପାଇଁ ଘୋର ଅନୁଦାନ ଯୋଗାଣରେ ଚରମ ଅବହେଳା ବେଳେ ଛାତ୍ରୀମାନଙ୍କୁ ଖାଦ୍ୟ ଯୋଗାଣ ସମସ୍ୟା ଦେଖାଦେଇଛି। ସେପରି କେତେକ କାରଣରୁ ଛାତ୍ରୀମାନେ ନିଜ ଘରକୁ ଫେରିବା ଆରମ୍ଭ କରିଛନ୍ତି। ସେହି ବିଦ୍ୟାଳୟ ପରିଚାଳନାରେ ଯେଉଁ ଅସୁବିଧା ଉପୁଜିଛି ସେଥିରୁ ବିଦ୍ୟାଳୟ ଗୁଡିକୁ ବନ୍ଦ କରାଯିବା ମସୁଧା ଚାଲିଥିବା ଆଶଙ୍କା ଲାଗିରହିଥିବା ବେଳେ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ଅସହାୟ ଅବସ୍ଥାରେ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଭାଗିଦାରୀ ବ୍ୟବସ୍ଥାରେ ଅନୁଦାନ ଯୋଗାଇ ସେହି ବିଦ୍ୟାଳୟ କାର୍ଯ୍ୟକାରୀ କରାଯାଉଥିଲା। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ମଧ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ପରିଚାଳିତ ବିଦ୍ୟାଳୟ ଗୁଡିକର ଦୁର୍ଦ୍ଦିନ ବୃଦ୍ଧି ପାଇଥିବା ଉଦବେଗର କାରଣ ହୋଇଛି। ଗତ ଏପ୍ରିଲ ମାସ ଠାରୁ ବିଦ୍ୟାଳୟ ଗୁଡିକୁ ଆର୍ଥିକ ଅନୁଦାନ ବନ୍ଦ କରାଯାଇଛି। ଫଳରେ କର୍ମଚାରୀଙ୍କ ଦରମା, ଛାତ୍ରୀ ନିବାସରେ ରହୁଥିବା ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକୀୟ ଖାଦ୍ୟପେୟ ଯୋଗାଣ ସମସ୍ୟା ଦ୍ୱିଗୁଣିତ ହୋଇଯାଇଥିବା ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଛାତ୍ରୀ ନିବାସ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ବ୍ୟବସାୟୀ ବକେୟା ପାଉଣା ପାଇ ନ ଥିବାରୁ ଅତିଷ୍ଠ ହୋଇ ମୁହଁ ଫେରାଇଲେଣି। ଏପରି ଅବସ୍ଥାରେ ବିଦ୍ୟାଳୟ ପରିଚାଳନା କଷ୍ଟକର ବୋଲି କେତେକ କମିଟି ସଦସ୍ୟ ସୂଚନା ଦେଇଛନ୍ତି। ଆର୍ଥିକ ଅନଗ୍ରସର, ଅଧାରୁ ପାଠ ଛାଡିଥିବା, ଆଦିବାସୀ,ହରିଜନ,ପଛୁଆବର୍ଗ ଓ ଅଭିଭାବକ ନ ଥିବା ବାଳିକମାନଙ୍କ ଶିକ୍ଷା ନିମନ୍ତେ ଷଷ୍ଠ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଓ ଛାତ୍ରୀ ନିବାସ ସମ୍ପୁର୍ଣ୍ଣ ମାଗଣା ସୁବିଧା ଏହି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ମାଧମରେ ସରକାର ଯୋଗାଇ ଆସୁଛନ୍ତି। ପ୍ରତ୍ୟେକ ବିଦ୍ୟାଳୟରେ ୧୮୦ ରୁ ୨୦୦ ବାଳିକା ଛାତ୍ରୀ ନିବାସରେ ରହୁଛନ୍ତି। ବର୍ତ୍ତମାନ ଯେଉଁ ସମସ୍ୟା ସେହି ବିଦ୍ୟାଳୟ ଗୁଡିକରେ ଦେଖାଦେଇଛି ତାହା ସରକାରଙ୍କୁ ଜଣାଇ କର୍ତ୍ତୃପକ୍ଷ ହତାଶ ହୋଇଛନ୍ତି। ଏହି ବିଷୟରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଗୋଚରରେ ଥିଲେ ମଧ ସମସ୍ୟାର ସମାଧାନ ହୋଇପାରିନାହିଁ। ଛାତ୍ରୀମାନଙ୍କୁ ଶିକ୍ଷା ଅନୁକୂଳ ପରିବେଶ ଯୋଗାଇବା ଓ ଖାଦ୍ୟ ସମସ୍ୟା ଦୂର କରିବାକୁ ସରକାରୀ ଅଧିକାରୀମାନେ ଯତ୍ନବାନ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ଗୁଡିକରେ ଆବଶ୍ୟକୀୟ ଅନୁଦାନ ନ ଥିବା ବେଳେ ଛାତ୍ରୀମାନଙ୍କ ଖାଦ୍ୟ ଜନିତ ସମସ୍ୟା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ନିଜ ପକ୍ଷରୁ କେଉଁଠୁ କେତେ ଅର୍ଥ ବନ୍ଦୋବସ୍ତ କରିବେ ତାହା ଉଦବେଗର କାରଣ ହୋଇଛି। ଏପରି କିଛି ମୌଳିକ ସମସ୍ୟାର ସମାଧାନ ହୋଇପାରୁନଥିବା ବେଳେ ବିଦ୍ୟାଳୟର ପାଚେରୀ ଓ କୋଠା କୁ ଗେରୁଆ ରଙ୍ଗ ଦିଆଯିବ ପାଇଁ କୁଆଡେ ପଦକ୍ଷେପ ନିଆଯାଉଥିବା ଖବର ରେ ଅଭିଭାବକମାନେ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଜିଲ୍ଲାପାଳ ଏହି ସମସ୍ୟା ଓ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦେଇଛନ୍ତି।

# ଗୁରୁଙ୍କୁ ପୂଜା କରିବା ଭାରତୀୟ ସଂସ୍କୃତିର ମହାର୍ଘ୍ୟ ପରମ୍ପରା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମ, ହଂସପାଳଠାରେ ଗୁରୁପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପୂଜା ଅର୍ଚ୍ଚନା ସରିବା ପରେ ଗୁରୁପୂର୍ଣ୍ଣିମା ଉତ୍ସବକୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି କହିଲେ ଯେ, ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ପୂଜା କରିବାର ପରମ୍ପରା ହଜାର ହଜାର ବର୍ଷର ମହାର୍ଘ୍ୟ ପରମ୍ପରା। ଭଗବାନ ବ୍ୟାସଦେବଙ୍କ ଜନ୍ମଦିନକୁ ସ୍ମରଣ କରି ଗୁରୁଶିଷ୍ୟର ସମ୍ପର୍କକୁ ପ୍ରତ୍ୟେକବର୍ଷ ପାଳନ କରିବାର ଏକ ଚରମ ଲକ୍ଷ୍ୟ ହେଉଛି, ଗୁରୁ ଯେ ଜ୍ଞାନଦାତା, ତାଙ୍କୁ ସ୍ମରଣ କରି କୃତଜ୍ଞତା ଜ୍ଞାପନ କରିବା ସହ ଆଜିର ସମାଜକୁ ପୂଜ୍ୟପୂଜା ପାଇଁ ଏକ ବାର୍ତ୍ତା ଦେବା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ, ଓଡ଼ିଆ ସାହିତ୍ୟର ମହାନ୍ ବ୍ୟକ୍ତିତ୍ୱ ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ କହିଲେ ଯେ, ଶ୍ରୀ ନାରାୟଣଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ। ଗୁରୁ କେବଳ ଜ୍ଞାନଦାତା ନୁହଁ ସେ ଶିଷ୍ୟକୁ ଜୀବନରେ ସଫଳ ମଣିଷ ହେବା ପାଇଁ ମାର୍ଗଦର୍ଶନ ଦେଇଥାନ୍ତି। ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ବିଶିଷ୍ଟି ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର କହିଲେ ଯେ, ଆମ ଧର୍ମ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସ୍ଥାନରେ ରଖି ଆମେ ପୂଜା କରିଥାଉ। ସନ୍ଥ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ କହିଲେ ଯେ, ଭାରତବର୍ଷ ଏକମାତ୍ର ଦେଶ ଯେଉଁଠି ଗୁରୁଙ୍କ ଦ୍ୱାରା ବିଭିନ୍ନ ସମୟରେ ସମାଜ ପ୍ରଭାବିତ ହୋଇଛି, ସନ୍ଥ ସମର୍ଥ ରାମଦାସ ଓ ଶିବାଜୀଙ୍କ ଉଦାହରଣ ସେ ଦେଇଥିଲେ। ଅନ୍ୟତମ ଅତିଥି ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଆଜିର ଯୁବପିଢିଙ୍କ ପାଖରେ ଏହି ମହାନ୍ ପରମ୍ପରାକୁ ପହଁଞ୍ଚାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍। ଯାହାଫଳରେ ଯୁବସମାଜ ଶୃଙ୍ଖଳିତ ହେବେ। ମୁଖ୍ୟବକ୍ତା ଦୈନିକ ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ବର୍ତ୍ତମାନ ବିଶୃଙ୍ଖଳିତ ଦିଗଭ୍ରଷ୍ଟ ଯୁବ ଓ ଛାତ୍ରମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଭଳି ସନ୍ଥ ମହାତ୍ମାମାନଙ୍କ ଆବଶ୍ୟକତା ରହିଛି। ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ, ଡଃ ବିଜୟାନନ୍ଦ ସିଂହ, ଡଃ ସୁନାମଣି ରାଉତ, ପୂର୍ବତନ ପୁଲିସ୍ ଆଇଜି ଅରୁଣ କୁମାର ଉପାଧ୍ୟାୟ, ଡଃ ବୁଦ୍ଧଦେବ ମିଶ୍ର, ପୂର୍ବତନ ସିବିଆଇ ଜଜ ସୟ ପଣ୍ଡା, ସଙ୍ଗୀତ ଗୁରୁ ଡଃ ଚିରନ ପାଣି, ଯୋଗଗୁରୁ ସୁରେଶ ଶତପଥୀ, ନିଗମାନନ୍ଦ ସନ୍ଥ ପରମ୍ପରାର ପ୍ରଫୁଲ୍ଲ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ,ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଦାବି ପୂରଣରେ ଅବହେଳା ପ୍ରତିବାଦରେ ଜନଜାତି ଛାତ୍ରୀ ନିବାସ ମହିଳା ମାଟ୍ରୋନ୍‌ଙ୍କ ଧାରଣା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ମହିଳା ସଶକ୍ତିକରଣର ଡିଣ୍ଡିମ ପିଟି ଆଦିବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ନିରାପତ୍ତାର ସ୍ଲୋଗାନ ଦେଉଥିବା ବେଳେ ସେହି ଅନୁସୂଚିତ ଛାତ୍ରୀ ନିବାସରେ ଦୀର୍ଘବର୍ଷ ଧରି ସ୍ୱଳ୍ପ ଦରମାରେ ୨୪ ଘଣ୍ଟା ଆଦିବାସୀ ଛାତ୍ରୀମାନଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ, ଜୀବନଚର୍ଯ୍ୟାର ଗୁରୁ ଦାୟିତ୍ୱ ବହନ କରିଥିବା ଲେଡି ମାଟ୍ରୋନ୍ ମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନର ଅହେତୁକ ବିଳମ୍ବ, ସେମାନଙ୍କ ପ୍ରତି ହେୟ ଜ୍ଞାନ ଓ ହିଂସ୍ର ଆଚରଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନରେ ଅତିଷ୍ଠ ହଜାର ହଜାର ଲେଡି ମାଟ୍ରୋନ୍ ଆଜି ପୂର୍ବ ସୂଚନା ମୁତାବକ ମହାତ୍ମା ଗାନ୍ଧୀ ମାର୍ଗରେ ପ୍ରତିବାଦ କରି ନ୍ୟାୟ ଦାବି କରିଛନ୍ତି। ଜନଜାତି ବିଭାଗ ବିଦ୍ୟାଳୟ ସମୂହରେ ଅଧ୍ୟୟନରତ ଛାତ୍ରୀମାନଙ୍କ ଦୈନନ୍ଦିନ ଜୀବନ ଚର୍ଯ୍ୟା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ସୁଷମ ଖାଦ୍ୟ ପରିବେଷଣ ପ୍ରଭୃତି ଯାବତୀୟ କାର୍ଯ୍ୟ କରି ଆସୁଥିଲେ ବି ସରକାରୀ କର୍ମଚାରୀମାନେ ପାଉଥିବା ମୌଳିକ ସୁବିଧା ଏମାନଙ୍କୁ ଦିଆଯାଏ ନାହିଁ। ଏହି ଲେଡି ମାଟ୍ରୋନ୍‌ମାନେ ସରକାର ଓ ବିଭାଗ ଦ୍ୱାରା ପ୍ରଣତି ବିଧି ବ୍ୟବସ୍ଥାରେ ନିଯୁକ୍ତି ପାଇ ଚବିଶ ଘଣ୍ଟା ସେବା ଯୋଗାଇ ଆସୁଥିଲେ ବି ସେମାନଙ୍କୁ ସ୍ଥାୟୀ କରାଯାଉନାହିଁ। ରାଜ୍ୟ ସରକାର ୨୦୨୨ ମସିହା ଅକ୍ଟୋବର-୧୬ ତାରିଖରୁ ରାଜ୍ୟରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରିସାରିଥିଲେ ମଧ୍ୟ ଜନଜାତି ଛାତ୍ରୀ ନିବାସର ମହିଳା ମାଟ୍ରୋନ୍‌ମାନଙ୍କୁ ଛଅ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ କଲେ ନାହିଁ। ଶ୍ରମ ବିଭାଗର ନିର୍ଦ୍ଦେଶ ପରେ ଇପିଏଫ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ସେହିପରି ଛାତ୍ରୀ ନିବାସରେ କ୍ୱାର୍ଟର, ମଧ୍ୟାହ୍ନଭୋଜନ ସୁବିଧା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପୂରଣ କରାଯାଇନାହିଁ। ଆଦର୍ଶ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଅନୁଷ୍ଠାନ ମାନଙ୍କରେ ଲେଡି ମାଟ୍ରୋନ୍ ମାନଙ୍କ ପରି ସମାନ ପ୍ରାପ୍ୟ ସମାନ କାର୍ଯ୍ୟସାରଣୀ, ସମାନ ସୁବିଧା ପାଇଁ ବହୁ ଦାବି କରାଯାଇ ଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି। ଅତୀତରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ତତ୍କାଳୀନ ଶାସନ ସଚିବ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଅସହ୍ୟ ଆର୍ଥିକ ଓ ସାମାଜିକ ଦୂରାବସ୍ଥା, ଛାତ୍ରୀ ନିବାସର ପରିଚାଳନାରେ ଭେଦଭାବ, ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଛୁଟି ପ୍ରଦାନ ଓ ନାନା କାରସାଦିର ସମାଧାନ ନିମନ୍ତେ ବାରମ୍ବାର ଦାବି ପରେ କୌଣସି ସୁଫଳ ନ ମିଳିବାରୁ ହଜାର ହଜାର ମହିଳା ମାଟ୍ରୋନ୍ ମାନଙ୍କ ନ୍ୟାୟ ସଙ୍ଗତ ୬ ଦଫା ଦାବି ଯଥା - (୧) ଦୀର୍ଘ ଓ ନିରନ୍ତର ସନ୍ତୋଷଜନକ ସେବାକୁ ବିଚାରକୁ ନେଇ ସମସ୍ତ ଚୁକ୍ତି ଭିତ୍ତିକ ମହିଳା ମାଟ୍ରୋନ୍‌ମାନଙ୍କୁ ସ୍ଥାୟୀ କରାଯାଉ (୨) ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ମାସିକ ସର୍ବନିମ୍ନ ୫୦ ହଜାର ଟଙ୍କା ପ୍ରାପ୍ୟ ପ୍ରଦାନ।

# କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷାରେ ଜନ ଜୀବନ ଅସ୍ତବ୍ୟସ୍ତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ମିଳିଥିବା ସୂଚନା ରୁ ପ୍ରକାଶ ଯେ, ଲଗାଣ ବର୍ଷା ଯୋଗୁଁ ଜନଜୀବନ ର ସୁରକ୍ଷା କୁ ଦୃଷ୍ଟି ଦେଇ ପ୍ରଶାସନିକ ସ୍ତରରେ ସ୍କୁଲ କଲେଜ ବନ୍ଦ କରାଯାଇଥିବା ବେଳେ ଲୋକମାନଙ୍କୁ ସତର୍କ ମଧ୍ୟ କରାଯାଇଥିବାର ଜଣାପଡିଛି। ଚଳିତ ୨୮ ତାରିଖ ସୁଧା କେନ୍ଦୁଝର ସଦର ବ୍ଲକରେ ୭୬. ୨ ମି ମି ବର୍ଷା ହୋଇଥିବାବେଳେ ବାଂଶପାଳ ବ୍ଲକରେ ୫୭.୩ ମିମି, ତେଲକୋଇ ବ୍ଲକରେ ୭୬.୪ ମିମି, ପାଟଣା ବ୍ଲକରେ ୮୬. ୬ ମିମି, ସାହାର ପଡା ବ୍ଲକରେ ୫୮. ୨ ମିମି,ଘଟଗାଁ ବ୍ଲକରେ ୧୧୪.୪ ମିମି, ହରିଚନ୍ଦନପୁର ବ୍ଲକରେ ୯୮. ୬ ମିମି ଆନନ୍ଦପୁର ବ୍ଲକରେ ୮୯.୫ ମିମି, ଘସିପୁରା ବ୍ଲକରେ ୧୧୮. ୫ ମିମି,ହାଟଡ଼ିହି ବ୍ଲକରେ ସର୍ବାଧିକ ୧୬୦.୩ ମିମି, ଚମ୍ପୁଆ ବ୍ଲକରେ ୬୨. ୨ ମିମି, ଯୋଡ଼ା ବ୍ଲକରେ ୮୦.୪ ମିମି,ଝୁମ୍ପୁରାବ୍ଲକରେ ୭୮. ୬ ମିମି ଏହିଭଳିମୋଟ ଜିଲ୍ଲାରେ ୧୧୫୭. ୨ ମିମି ବର୍ଷା ହୋଇଥିବାର ଜଣାପଡିଛି.ସେହିଭଳି ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ଦେଇ ଯାଇଥିବା ବୈତରଣୀ ନଦିର ଜଳ ପତନ ବିପଦ ସ୍ତରକୁ ଛୁଇଁବାକୁ ବସିଛି.ଜିଲ୍ଲା ଦେଇଯାଇଥିବା ବୈତରଣୀ ନଦିର ଜଳ ସ୍ତର ୨୮ ଜୁଲାଇ ସୁଧା ବିପଦ ସ୍ତର ୩୮. ୩୬୦ମିଟର ରହିଥିବାବେଳେ ଜଳ ସ୍ତର ୩୭. ୬୫୦ମିଟରରେ ପହଁଚି ଛି।

# ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ କମିଟି ଗଠିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲ୍ଲା ଶାଖାର ସ୍ୱତନ୍ତ୍ର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ସହିଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ଼ି. ମୋହନ ରାଓ ସଭାପତିତ୍ୱ କରିଥିଲେ। ସମ୍ପାଦକଙ୍କ ଅନୁପସ୍ଥିତିରେ ରାଧାକୃଷ୍ଣ ପଣ୍ଡା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସଭାପତି ଡ଼ି. ମୋହନ ରାଓ ବକ୍ତବ୍ୟରେ ସର୍ବପ୍ରଥମେ ରାଜ୍ୟ ଫେଡ଼େରେସନ୍ ଦ୍ୱାରା ଡ଼ାକରା ଦିଆଯାଇଥିବା ରାଜଧାନୀ ଭୁବନେଶ୍ୱର ଠାରେ ହେବାକୁ ଥିବା ଅଗଷ୍ଟ ମାସ ୧୮, ୧୯ ଓ ୨୦ ଦିନିଦିନ ଧରି ଧାରଣା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନା କରିଥିଲେ। ଏହି ଦିନ ମଧ୍ୟରୁ ୧୯ ତାରିଖରେ ଗଞ୍ଜାମ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ପେସନରମାନେ ଯୋଗଦେବାକୁ ନିବେଦନ କରିଥିଲେ। କେନ୍ଦ୍‌ସରକାରଙ୍କ ପେନ୍‌ସନର ମାରଣ ଭେଲିଡ଼େସନ୍ ଆକ୍ଟ ୨୦୨୫ ବିରୁଦ୍ଧରେ ଓ ୧୦ ଦଫା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୯ ଦଫା ଦାବି ପୂରଣ ପାଇଁ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ୧୯ ତାରିଖ ଦିନ ଧାରଣାରେ ଉପସ୍ଥିତ ହେବା ପାଇଁ ନିବେଦନ କରିଥିଲେ। ଖଲ୍ଲିକୋଟ ବ୍ଲକ୍ ସଙ୍ଗଠନର ସମ୍ପାଦକ ପ୍ରଦୀପ କୁମାର ଆଚାର୍ଯ୍ୟ, ବିପିନ୍ ବିହାରୀ ସାମନ୍ତ, ପ୍ରଶାନ୍ତ କୁମାର ପଟ୍ଟନାୟକ, ନବ କୁମାର ମିଶ୍ର ଯୋଗଦେଇ ଖଲ୍ଲିକୋଟରୁ ବହୁ ପେନ୍‌ସନର୍ସ ୧୯ ତାରିଖରେ ଭୁବନେଶ୍ୱର ଧାରଣାରେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରୀୟ କମିଟିର ଉପଦେଷ୍ଟା କେ ନନ୍ଦେଷ୍ଣୁ ସେନାପତି, ସଙ୍ଗଠନର ଯୁଗ୍ମ ସମ୍ପାଦକ ମହର୍ଷି ସିଂ, ସହ ସମ୍ପାଦକ ଡ଼ି. ଗୁରୁମୂର୍ତ୍ତି ପାତ୍ର, କୋଷାଧ୍ୟକ୍ଷ ନିରାକାର ସାବତ, ଉପସଭାପତି ଏ.ଏସ୍.ଏନ୍. ଗୁପ୍ତା, ଏମ୍. ନରସିଂହ ବକ୍ତବ୍ୟ ରଖିଥିଲେ। କୁମୁଦ ଚନ୍ଦ୍ର ବେହେରା, ସୁବାଷ ଚନ୍ଦ୍ର ପଟ୍ଟନାୟକ, ଜୟନ୍ତ କୁମାର ପାତ୍ର, ଭଗବାନ ସାହୁ, ଦେବରାଜ କୋଠିଆ, ନାରାୟଣ ପାଣିଗ୍ରାହୀ, ନରସିଂହ ବେହେରା, ଦଣ୍ଡାସି ପାଢ଼ୀ, ସଦାନନ୍ଦ ଦାସ, ବିଜୟ କୁମାର ପଣ୍ଡା, ମନୋରମା ପାତ୍ର, ଅଶୋକ ପାଣିଗ୍ରାହୀ, ଦଣ୍ଡପାଣି ପାଣିଗ୍ରାହୀ, ଟି.ଯୋଗେଶ୍ୱର, ପି. ନାଗେଶ୍ୱର ରେଡ୍ଡୀ, ସୋମନାଥ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ସନ୍ଧ୍ୟାରାଣୀ ପାତ୍ର, ଉପେନ୍ଦ୍ରନାଥ ବେହେରା, ଏସ୍‌ଏସ୍ ମଶ୍ର, କେ. ଗନ୍ତାୟତ, ରାଜେନ୍ଦ୍ର ପାଣିଗ୍ରାହୀ, ଗଣାପତି ବେହେରା, ଡ଼ି. ଦଣ୍ଡପାଣି ରେଡ୍ଡି, ପି.କେ ପାତ୍ର, ବସନ୍ତ କୁମାର ପାତ୍ର, ସୀମାଞ୍ଚଳ ସାହୁ, ପ୍ରଭାକର ପାତ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, ବିପିନ୍ ବିହାରୀ ସାମନ୍ତ, ପ୍ରଦୀପ କୁମାର ନାୟକ, ନବ କିଶୋର ମିଶ୍ର, ପଦ୍ମ ଚରଣ ପରିଡ଼ା, ଦିବାକର ପାତ୍ର, ୱାଇ ମନମୋହନ, ପ୍ରଦୀପ କୁମାର ଚୌଧୁରୀ, କିଶୋର ଚରଣ ସାହୁ ଆଦି ବହୁ ପେନ୍‌ସନର ଯୋଗ ଦେଇଥିଲେ।

# 'କତାରରୁ କେନ୍ଦ୍ରାପଡା ପର୍ଯ୍ୟନ୍ତ ଜ୍ଞାନର ସେତୁ' ଆଲୋଚନା ଚକ୍ର



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହର ସଂଲଗ୍ନ ନିଉଜେନ୍ ଇ□ରନେସନାଲ୍ ସ୍କୁଲରେ ଆୟୋଜିତ ଗ୍ଲୋବାଲ୍ ଲର୍ଣ୍ଣିଂ କନେକ୍ଟ -୨୦୨୬ କାର୍ଯ୍ୟକ୍ରମରେ ପଶ୍ଚିମ ଏସୀୟ ଦେଶ କତାର ସ୍ଥିତ ପୋଡାର ପଲ୍ ସ୍କୁଲର ଗ୍ରେଡ୍ -୨ ଏକାଡେମିକ୍ କୋ ଅଡିନେଟର୍ ତଥା ଓଡିଶା କେନ୍ଦ୍ରାପଡାର ଝିଅ ସାଗରିକା ପତି ଯୋଗଦେଇ ଶିକ୍ଷକ ଓ ଛାତ୍ର ଛାତ୍ରୀ, ଅଭିଭାବକ ମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଅନୁଭୂତି ସମ୍ପର୍କରେ ମାର୍ଗ ଦର୍ଶନ କରାଇଥିଲେ। ଶିଶୁମାନଙ୍କ ମାନସିକ ଦକ୍ଷତା ଓ ସୃଜନଶୀଳତା ବିଷୟରେ ଉଭୟ ଅଭିଭାବକ ଓ ଶିକ୍ଷକ ମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକମାନଙ୍କ ପାଇଁ ଶିକ୍ଷାଦାନ ପ୍ରଣାଳୀ ଓ ୨୦୨୦ ଏନ୍‌ଇପିର ଅନୁସରଣ କିପରି ହେବା ଆବଶ୍ୟକ ତାହା ମୁଖ୍ୟ ଆଲୋଚନାର ବିଷୟ ଥିଲା। ସ୍କୁଲର ଅଧକ୍ଷ ସୁମାମା ସିଦ୍ଧିକ୍‌ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସାବ୍‌ରା ବେଗମ୍, ସ୍କୁଲର ପ୍ରିନ୍ସପାଲ୍ ସ୍ନେହଲତା ସାହୁ, ଇଛାପୁର କ୍ଲଷ୍ଟରର ସିଆର୍‌ସିସି ମହମ୍ମଦ ଫୟାଜୁଦ୍ଦିନ୍ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରାପଡାର ପ୍ରତିଭାମାନଙ୍କ ଶିକ୍ଷାର ଗୁଣାତ୍ମକ ଉନ୍ନତିର ନୂତନ ଦିଗ ଗୁଡିକ ଉପରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ମହମ୍ମଦ ଜାହାଙ୍ଗୀର୍ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଏଏସ୍‌ଆଇ ମୃତ, ଅନ୍ୟ ଜଣେ ଗୁରୁତର

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ଗୁଇନ୍ଦା ବିଭାଗରେ କାର୍ଯ୍ୟରତ ଏଏସ୍‌ଆଇ ମନୋଜ କୁମାର ପାଢ଼ୀ। ସୂଚନା ଅନୁସାରେ ଗୁଇନ୍ଦା ବିଭାଗରେ କାର୍ଯ୍ୟରତ ଏଏସ୍‌ଆଇ ମନୋଜ କୁମାର ପାଢ଼ୀ ଏବଂ ତାଙ୍କର ସହିତ ଥିବା ଅନ୍ୟ ଜଣେ ଲୋକ ବାଇକ୍‌ରେ ଯିବା ସମୟରେ ଗଜପତିଜିଲ୍ଲା କାଶୀନଗର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମନୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କର ଚିକିତ୍ସା ଜାରି ରହିଛି।

# ଆଧ୍ୟାତ୍ମିକ ଚେତନା ଓ ପ୍ରାଚୀନ ସଂସ୍କୃତିକୁ ଉଜ୍ଜିବିତ କରିବା ପାଇଁ ପ୍ରୟାସ

**ନିଶ୍ଚିନ୍ତକୋଇଲ, ନ୍ୟୁଜ୍ ବ୍ୟୁରୋ**



ଆଜିର କଥା କଥିତ ସମାଜରେ ବିଲୁପ୍ତ ପ୍ରାୟଆଧ୍ୟାତ୍ମିକ ଚେତନା ଓ ପୁରାତନ ସଂସ୍କୃତି କୁ ଉଜ୍ଜିବିତ କରିବା ପାଇଁ ନିଆରା ପ୍ରୟାସ କରିଛନ୍ତି ମହାନଦୀ ଚିତ୍ରୋତ୍ପଳା ଦୋଆବ ଅଞ୍ଚଳର ଦାମୋଦରପୁର, ଜନାର୍ଦ୍ଦନପୁର ଓ ଖଣ୍ଡଗିରି ଆଦି ଗ୍ରାମ ତଥା ଆଖପାଖ ଅଞ୍ଚଳ ର ବାସିନ୍ଦା। ସାତ ବର୍ଷ ହେବ ଦାମୋଦରପୁର ଗ୍ରାମରେ ପ୍ରତିଷ୍ଠା ହୋଇଛି ଭାଗବତ ଟୁଙ୍ଗି ପୂର୍ବେ ଯେଉଁ ଭଳି ଭାବରେ ମାଟି ଚାଳ ଛପର ଘର ଓ ଝୋଟି ଚିତା ପଡି ଘର ମନୋରମ ହୋଇଥାଏ, ସେହିଭଳି ଭାବରେ ନିର୍ମିତ ହୋଇଛି ଭାଗବତ ଟୁଙ୍ଗି। ଯେଉଁଠି ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀମଦ ଭାଗବତ ପାଠ ଓ ଚର୍ଚ୍ଚା ହୋଇଥାଏ। ଗାଁ ଗହଳି ର ପୁରୁଖା ପୁରୁଷ ମହିଳା ଙ୍କ ଠାରୁ ଆରମ୍ଭ କରି ଯୁବକ ବାଳକ ପର୍ଯ୍ୟନ୍ତ ସମସ୍ତ ଙ୍କୁ ଦେଖିବାକୁ ମିଳେ ଏଠାରେ। ବସ୍ତୁବାଦୀ ସମାଜରେ ଅଧ୍ୟାତ୍ମବାଦ କୁ ସମସ୍ତେ ଆପଣାଇପାରିଲେ ହୁଏତ ସମାଜରେ ଅଶେଷ ଶାନ୍ତି ଓ ସଦଭାବନା ବିରାଜମାନ କରିବ ବୋଲି ବିଚାର କରି ସଫଳ ପ୍ରୟାସ କରିଛନ୍ତି ଉଦ୍ୟୋକ୍ତା ମାନେ। ଦାମୋଦରପୁର ଗ୍ରାମର ଅରକ୍ଷିତ ସାହୁ ଓ ତପନ କୁମାର ସାହୁ ଙ୍କ ତତ୍ତ୍ୱାବଧାନ ରେ ସହଯୋଗୀ ଭଗବତ ପ୍ରେମୀ ମାନଙ୍କ ଉଦ୍ୟମ ଓ ସହଯୋଗରେ ସପ୍ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷି ପୂର୍ବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଧାମାଧବ ମଠର ଅବସରପ୍ରାପ୍ତ ମହନ୍ତ ବିପ୍ର ଚରଣ ଦାସଙ୍କ ପୌରୋହିତ୍ୟରେ ମହନ୍ତ ଅଚ୍ୟୁତାନନ୍ଦ ଦାସ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ଚତୁର୍ଥ ପ୍ରହରୀ ନାମଯଜ୍ଞ, ଭଜନ ସମାରୋହ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

## 'ଆଶା' ପକ୍ଷରୁ ଜନସଚେତନତା ବାର୍ତ୍ତା

# ଦୁର୍ନୀତି ଲୋପ ପାଇଁ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ସମ୍ବିଧାନର ପ୍ରତିଷ୍ଠାତା ଭୀମରାଓ ଆମ୍ବେଦକର ଆଜି ଦେଶବାସୀଙ୍କୁ ଯେଉଁ ଅଧିକାର ଦେଇଛନ୍ତି ଗୋଟିଏ ମଣିଷ, ଗୋଟିଏ ଭୋଟ', ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ଶକ୍ତିଶାଳୀ ଅସ୍ତ୍ର। ଏହାରି ମାଧ୍ୟମରେ ସେମାନେ ଚାହିଁଲେ ଦୁର୍ନୀତିଗ୍ରସ୍ତ ସରକାରକୁ ବଦଳାଇ ଦେଇପାରିବେ। କିନ୍ତୁ ଆଜି ଆମେ ସଂଗଠିତ ନହେବାରୁ ରାଜ୍ୟ ତଥା ଦେଶର ଶାସନ ଓ ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ବଢିଚାଲିଛି। ଯୋଗ୍ୟ ଲୋକମାନେ ତାଙ୍କ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ଆଜି ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସମାଜରେ ଲୋକଙ୍କ ଭିତରେ ଧନୀ, ଗରିବ, ଅସମାନତା ବଢିଚାଲିଛି। ଫଳରେ ଆଜି ଶିକ୍ଷିତବର୍ଗ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ନିଜ ଅଧିକାର ପାଇବା ପାଇଁ ସମାଜରେ ଅବହେଳିତ ହୋଇ ରହିଥିବା ଓବିସି, ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ସଂଖ୍ୟାଲଘୁ ବ୍ୟକ୍ତିମାନେ ସଂଗଠିତ ହୋଇ ସମାଜରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ଦଳିତନେତା ତଥା 'ଆଶା'ର ପରାମର୍ଶଦାତା ଭଜମନ ବେହେରା ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ପ୍ରଶାସକ ବିଜୟ କୁମାର ପଟ୍ଟନାୟକ ମତପ୍ରକାଶ କରିଛନ୍ତି। ଆମ୍ବେଦକର ସମାଜ ସେବା ଆସୋସିଏସନ (ଆଶା) ପକ୍ଷରୁ ବୁଧବାର ସ୍ଥାନୀୟ ରେଡ୍‌କ୍ରସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା ଓ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସରକାର ସାମାଜିକ, ଆର୍ଥିକ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ସମାଜର ତଳସ୍ତରର ଲୋକଙ୍କ ନିକଟରେ ସରକାରଙ୍କ ଯୋଜନା ଓ ବିଭିନ୍ନ ସୁବିଧା ସୁଯୋଗ ଠିକ ଭାବରେ ପହଞ୍ଚିପାରୁନାହିଁ। କେବଳ ଗଣମାଧ୍ୟମ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରୁନାହିଁ। ତେଣୁ ଲୋକମାନେ ଏଥିପ୍ରତି ସଚେତନ ହେବା ସହ ନିଜର ଭୋଟ ଭଳି ଶକ୍ତିଶାଳୀ ଅସ୍ତ୍ରକୁ ସଠିକ୍ ବ୍ୟକ୍ତିତ୍ୱକୁ ଚୟନ କଲେ ତାହା ଫଳପ୍ରଦ ହୋଇପାରିବ। ସେମାନେ କହିଲେ ଯେ, ବର୍ତ୍ତମାନ ସମୟ ଆସିଛି ଲୋକମାନେ ତାଙ୍କ ଭୋଟ ଅଧିକାରକୁ ନେଇ ସଚେତନ ହେବା ଦରକାର। କୌଣସି ଅର୍ଥଲୋଭ କିମ୍ବା ଚାପର ବଶବର୍ତ୍ତୀ ନହୋଇ ସ୍ୱଚ୍ଛ, ସଚ୍ଚୋଟ ଓ ନିର୍ମଳ ବ୍ୟକ୍ତିବିଶେଷଙ୍କୁ ଭୋଟ ଦେଲେ ଶାସନ ପ୍ରକ୍ରିୟା ଠିକ୍ ଭାବରେ ଚାଲିବା ସହିତ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି କହିଥିଲେ। ଆଶା ସଂଗଠନର ସଭାପତି ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ବାହିନୀ ଅଧ୍ୟକ୍ଷା କମଳିନୀ ପାଟ୍ଟଶାଣୀ, ଅନୁଷ୍ଠାନର ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ପ୍ରଶାସକ ରସିଦ ଖାନ, ଯୁବ ବାହିନୀ ଅଧ୍ୟକ୍ଷ ଶାରଦା ପ୍ରସନ୍ନ ସ୍ୱାଇଁ, ମହିଳା ବାହିନୀର ସାଧାରଣ ସମ୍ପାଦିକା ସୂର୍ଯ୍ୟକାନ୍ତ ନାୟକ, ଆମ୍ବେଦକରବାଦୀ ନେତା ଅବଦୁଲ ୱାଲି, ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜକିଶୋର ମହାରଣା, ସୁକାନ୍ତି ତିଆଡି ଓ ତୁଷାରକାନ୍ତି ଚୌଧୁରୀ ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରକୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ଥାନିତ କରିବା ସହିତ ତାଙ୍କର ଜୀବନାଦର୍ଶନକୁ ପାଠ୍ୟପୁସ୍ତକରେ ସାମିଲ୍ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ପଢ଼ା ସାରି ଆମେରିକାରେ ଚାକିରି ପାଇଁ ଦେବାକୁ ହେବ ୧ ଲକ୍ଷ ଡଲାର

H-1B ଭିସା ଉପରେ ୧ ଲକ୍ଷ ଡଲାର ଫି' ଲଗାଇବାକୁ ନେଇ ଟ୍ରମ୍ପ ସରକାର ଅଦାଲତରୁ ଝଟକା ପାଇଛନ୍ତି । ପୂର୍ବରୁ ସରକାର H-1B ଆବେଦନକାରୀଙ୍କ ଉପରେ ୧ ଲକ୍ଷ ଡଲାର ଫି' ଲାଗୁ କରିବାକୁ ଚାହୁଁଥିଲେ । କିନ୍ତୁ, ବୋଷ୍ଟନର ଏକ ଫେଡେରାଲ ଆପିଲ୍ କୋର୍ଟ ଏହି ନିଷ୍ପତ୍ତି ଉପରେ ରୋକ୍ ଲଗାଇ ଦେଇଛନ୍ତି । ଆମେରିକାରେ ଉଚ୍ଚଶିକ୍ଷା ହାସଲ କରି ସେଠାରେ ଚାକିରି କରିବାର ସ୍ୱପ୍ନ ଦେଖୁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଝଟ୍କା ଲାଗିବାକୁ ଯାଉଛି । ଆମେରିକାର ଡୋନାଲ୍ଡ ଟ୍ରମ୍ପ ସରକାର ଏକ ନୂଆ ପ୍ରସ୍ତାବ ଉପରେ ବିଚାର କରୁଛନ୍ତି, ଯାହା ଅଧୀନରେ ଆମେରିକୀୟ ୟୁନିଭରସିଟିରୁ ପାଠପଢ଼ା ଶେଷ କରୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କୁ ସେଠାରେ ଚାକିରି କରିବା ପାଇଁ ୧ ଲକ୍ଷ ଡଲାର ଦେବାକୁ ପଡ଼ିପାରେ । 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ର ଏକ ରିପୋର୍ଟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏହି ଖବର ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ କଡ଼ା ବିରୋଧ ଦେଖିବାକୁ ମିଳିଛି । ବିଶେଷଜ୍ଞ ଓ ଆଲୋଚକମାନେ ଏହାକୁ ଏକ 'ଅତ୍ୟନ୍ତ ଅଦୂରଦର୍ଶୀ ସିଦ୍ଧାନ୍ତ' ବୋଲି କହିଛନ୍ତି । ସେମାନଙ୍କ କହିବା କଥା, ଏଭଳି ନିୟମ ଲାଗୁ ହେଲେ ସାରା ବିଶ୍ୱରୁ ଆସୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ଆମେରିକା ଯିବାକୁ ଆଉ ପସନ୍ଦ କରିବେ ନାହିଁ । ରିପୋର୍ଟ ଅନୁସାରେ, ଟ୍ରମ୍ପ ସରକାରଙ୍କ ଏହି ନୂଆ ପ୍ରସ୍ତାବ ଅପସନାଲ ପ୍ରାକ୍ଟିକାଲ ଟ୍ରେନିଂ (OPT) ଯୋଜନା ସହ ଯୋଡ଼ା ଯାଇପାରେ । OPT ଏପରି ଏକ ବ୍ୟବସ୍ଥା, ଯାହା ମାଧ୍ୟମରେ ବିଦେଶୀ ଛାତ୍ରଛାତ୍ରୀମାନେ ନିଜ ପାଠପଢ଼ା ଶେଷ ହେବା ପରେ ଆମେରିକାରେ ୧ ରୁ ୩ ବର୍ଷ ପର୍ଯ୍ୟନ୍ତ କାମ କରିବାର ସୁଯୋଗ ପାଆନ୍ତି । ୨୦୨୪ ସୁଦ୍ଧା ପ୍ରାୟ ୪ ଲକ୍ଷ ୧୯ ହଜାର ବିଦେଶୀ ଛାତ୍ର OPT ମାଧ୍ୟମରେ ଆମେରିକାରେ କାର୍ଯ୍ୟରତ ଥିଲେ । ବଡ଼ ବଡ଼ ଆମେରିକୀୟ ଟେକ୍ନୋଲୋଜି ଓ ଫାଇନାନ୍ସ କମ୍ପାନୀଗୁଡ଼ିକ ପ୍ରଥମେ ଛାତ୍ରମାନଙ୍କୁ OPT ଅଧୀନରେ ଚାକିରି ଦିଅନ୍ତି ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ H-1B ଭିସା ପାଇଁ ଆବେଦନ କରନ୍ତି । ତେବେ ଟ୍ରମ୍ପ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଏହି ନିୟମ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । H-1B ଭିସା ଉପରେ ୧ ଲକ୍ଷ ଡଲାର ଫି' ଲଗାଇବାକୁ ନେଇ ଟ୍ରମ୍ପ ସରକାର ଅଦାଲତରୁ ଝଟକା ପାଇଛନ୍ତି । ପୂର୍ବରୁ ସରକାର H-1B ଆବେଦନକାରୀଙ୍କ ଉପରେ ୧ ଲକ୍ଷ ଡଲାର ଫି' ଲାଗୁ କରିବାକୁ ଚାହୁଁଥିଲେ । କିନ୍ତୁ, ବୋଷ୍ଟନର ଏକ ଫେଡେରାଲ ଆପିଲ୍ କୋର୍ଟ ଏହି ନିଷ୍ପତ୍ତି ଉପରେ ରୋକ୍ ଲଗାଇ ଦେଇଛନ୍ତି । ଆମେରିକାର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକ ଏହାକୁ କଡ଼ା ବିରୋଧ କରି କହିଥିଲେ ଯେ, ଏହା ଦ୍ୱାରା ଦକ୍ଷ ବିଦେଶୀ କର୍ମଚାରୀଙ୍କୁ ଚାକିରିରେ ରଖିବା ଅସମ୍ଭବ ହୋଇପଡ଼ିବ । ଆମେରିକା ପାଠପଢ଼ିବାକୁ ଯାଉଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସବୁଠାରୁ ଅଧିକ । ଭାରତ ଏବେ ଚୀନ୍‌କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଛି । ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମ ଲେଖାଉଥିବା ସୋଟା ବିଦେଶୀ ଛାତ୍ରଙ୍କ ମଧ୍ୟରୁ ପ୍ରାୟ ଏକ-ତୃତୀୟାଂଶ କେବଳ ଭାରତର । ଯଦି OPT ଉପରେ ୧ ଲକ୍ଷ ଡଲାରର ଏହି ନୂଆ ଫି' ନିୟମ ଲାଗୁ ହୁଏ, ତେବେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଭାରତୀୟ ମେଧାବୀ ଛାତ୍ରଛାତ୍ରୀମାନେ ହିଁ ହେବେ ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ
### ଚିନ୍ତା ଚିତା

ଶ୍ରଦ୍ଧେୟ ଭକ୍ତବୃନ୍ଦ କଥାରେ ଅଛି "ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି" ତେଣୁ ହେ ଭକ୍ତ ଏହି ଚିତା ଜିବକୁ ଏକା ଥରକେ ପୋଡି ଜାଳି ପାଉଁଶ କରି ଦେଇଥାଏ । ସକଳ ଚିନ୍ତାକୁ ସେ ଏକାଥରକେ ଭସ୍ମୀଭୂତ କରିଦେଇଥାଏ । କିନ୍ତୁ ଏହି ଚିନ୍ତା ମାନବକୁ ପ୍ରତି ମୂହୁର୍ତ୍ତରେ ମୃହୁ ମୃହୁ କରି ପୋଡି ଚାଲିଥାଏ । ନ ମରିକି ବି ସେ ପ୍ରତି ମୂହୁର୍ତ୍ତରେ ମରୁଥାଏ। ଏବଂ ପୋଡୁଥାଏ। ଏହା ହେଉଛି ଜୀବ ଜଗତରେ ସ୍ୱଭାବିକ ଗତି କିନ୍ତୁ ଭକ୍ତ ଏଇ ଦୁଇଟିର ଉର୍ଦ୍ଧରେ ଥାଏ । ସେ ଦୁଇଟି ହେଲା (ଚିନ୍ତା ଓ ଚିତା)ସେତ ଅଚିନ୍ତାକୁ ଧ୍ୟାନ ରଖିଥାଏ। ତାକୁ ଏ ଚିନ୍ତା ଚିତାରୁ କଣ ମିଳିବ । ତେଣୁ ହେ ଭକ୍ତ ହେ ଶିଷ୍ୟ ଥରେ ସେ ଅଚିନ୍ତ୍ୟ ପଦ୍ମପାଦରେ ଶରଣ ନେଇ ସାରିଲା ପରେ ସେହି ଅଭୟ ପଦ୍ମ ପାଦକୁ ଜାବୁଡି ଧରି ପଛକୁ ଅନାଇଲେ ଭୟଙ୍କର ପଶ୍ଚାତପତ ହେବାକୁ ପଡିବ । ଭୟ ପୁଣି ତୁମକୁ ବାରମ୍ବାର ଭୟଭୀତ କରାଇବ । ତେଣୁ ବାଳକେ ମୋର ବୋଲ କର ବେଳହୁଁ ଗୋବିନ୍ଦ ସୁମର, ତେଣୁ ଏ ସଂସାରରେ ମୋହମାୟାର ଜାଲରେ ଛନ୍ଦି ନ ହୋଇ ପରମପିତା ପଂରବ୍ରହ୍ମ ଶରଣରେ ରୁହ, ନିଷ୍ଠାର ସହିତ ପ୍ରଭୁଙ୍କ କାର୍ଯ୍ୟ କର । ପ୍ରତିଭା କୁ ଜାଗ୍ରତ କର କିନ୍ତୁ ପ୍ରତିଷ୍ଠାକୁ ନୁହେଁ। କାରଣ ପ୍ରତିଷ୍ଠା ହେଉଛି ଶୁକରୀ ବିଷ୍ଠା ସଦୃଶ। ତେଣୁ ହେ ଭକ୍ତ ଚିନ୍ତା ଓ ଚିତାକୁ ଛାଡି ଚୈତନ୍ୟକୁ ଜାଗ୍ରତ କରି ଚିନ୍ତା ଓ ଚିତା ଗଣ୍ଡିରୁ ବାହାରି ଆସି ମୃତ୍ୟୁ ମା ଅମୃତ ଗମୟଃ ରାସ୍ତାରେ ମାତିଚାଲ ତମେସୌ ମା ଜ୍ୟୋତିର୍ଗମୟ ଆଲୋକରେ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ହେଉଛି ଭକ୍ତର କର୍ତ୍ତବ୍ୟ, ନଚେତ୍ ଭ୍ରମରେ ପଡି ଉବୁଟୁବୁ ହେଉଥିବ । ◆◆

# ବଞ୍ଚିଛି ସଂସ୍କୃତି, ବଦଳୁଛି ମାନସିକତା



ସୁବାସ କୁମାର ତାରଣିଆଁ
ମୋ : ୮୩୨୮୮୪୦୨୧୪
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

ବିବାହ କେବଳ ଏକ ଆଇନଗତ ଚୁକ୍ତି ନୁହେଁ, ବିବାହ ଏକ ପବିତ୍ର ଓ ଗଭୀର ବନ୍ଧନ, ଦୁଇଟି ଅଚିହ୍ନା, ଅଜଣା ଆତ୍ମାର ମଧୁର ମିଳନ ବିଶ୍ୱାସ, ପାରସ୍ପରିକ ସମ୍ମାନ ଓ ସୁଖଦୁଃଖର ଆଦାନପ୍ରଦାନ ଉପରେ ତିଷ୍ଠି ରହିଥାଏ। ବରକନ୍ୟା ଅଗ୍ନିକୁ ସାକ୍ଷୀ ରଖି ସାତଜନ୍ମ ପାଇଁ ପବିତ୍ର ଦାମ୍ପତ୍ୟ ସମ୍ପର୍କରେ ବାନ୍ଧି ହୋଇ ରହିଥାନ୍ତି। ଝିଅଟିଏ ହେଉ ବା ପୁଅଟିଏ, ବିବାହ ବୟସ ହୋଇଗଲେ, ପିତାମାତାମାନେ ସେମାନଙ୍କ ବିବାହ ପାଇଁ ତତ୍ପରତା ପ୍ରକାଶ କରନ୍ତି। ସାଧାରଣତଃ ପିତାମାତାମାନେ ଝିଅଟିଏ ବିବାହ ଦେବା ପାଇଁ ବେଶୀ ଚିନ୍ତାଗ୍ରସ୍ତ ଥାଆନ୍ତି। ତେଣୁ ଭଲ ଘର, ଭଲ ବର ଓ ଉପଯୁକ୍ତ ପାତ୍ର ଦେଖି ଝିଅଟିର ବିବାହ କରାଇ ଶାନ୍ତିରେ ଟିକେ ନିଶ୍ୱାସ ମାରନ୍ତି। ଏଥିପାଇଁ ଉଭୟ ପୁଅଘର ଓ ଝିଅଘରର ପରିବାର ଲୋକେ ବନ୍ଧୁବାନ୍ଧବ ପୁଅଝିଅଙ୍କୁ ଦେଖି ମନୋନୀତ ହେବା ପରେ ଏକ ନିର୍ଦ୍ଦିଷ୍ଟ ଦିନରେ ଉଭୟ ବର ଓ କନ୍ୟାପକ୍ଷ ମୁଦି ଆଦାନ ପ୍ରଦାନ ପରେ ମନ୍ଦିର ଭଳି ପବିତ୍ର ସ୍ଥାନରେ ନିର୍ବନ୍ଧ ହୁଏ ଏବଂ ସେହିଦିନ ଶୁଭ ଲଗ୍ନ ଦେଖି ବିବାହ ଦିନ ଧାର୍ଯ୍ୟ କରାଯାଏ।

ପୂର୍ବରୁ ବିବାହ ଉତ୍ସବ ତୋଳାକନିଆ ଓ ପାଲିଙ୍କିଚଢ଼ା ଦୁଇ ପ୍ରକାରରେ ହେଉଥିଲା। ସାଧାରଣତଃ ଆର୍ଥିକ ଅନଗ୍ରସର ଘରେ ତୋଳାକନିଆ ବିବାହ ହେଉଥିଲା, କନ୍ୟା ବରଘରକୁ ଯିବାପରେ ସେଠାରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଉଥିଲା। ପାଲିଙ୍କିଚଢ଼ା ବିବାହ ଆର୍ଥିକ ସ୍ୱଚ୍ଛଳ ବର୍ଗର ଘରେ ହେଉଥିଲା। ବର ପାଲିଙ୍କିରେ ବରଯାତ୍ରୀମାନଙ୍କ ସହିତ ବାଜା ଓ ବାଣ ରୋଷଣୀରେ ଆସି କନ୍ୟାଘରେ ପହଞ୍ଚିବା ପରେ କନ୍ୟାଘରେ ବିବାହ କାର୍ଯ୍ୟ ସମ୍ପନ୍ନ ହେଉଥିଲା। ସେତେବେଳ ବରକନ୍ୟା ସାଧାରଣତଃ ପାଲିଙ୍କି ଓ ସବାରୀରେ ଯିବାଆସିବା କରୁଥିଲେ। ବିବାହ ପୂର୍ବରୁ ଉଭୟ ପୁଅ ଓ ଝିଅ କେହି କାହାକୁ ଦେଖିନଥାନ୍ତି। ଓଡ଼ିଆ ପରମ୍ପରା ଅନୁଯାୟୀ ବିବାହର ଏକ ସପ୍ତାହ ପୂର୍ବରୁ ଜାଇ ରଗଡ଼ା ହୁଏ ଯାହାକୁ ଅନୁକୁଳ କୁହାଯାଏ। ସେହି ଦିନଠାରୁ ବନ୍ଧୁବାନ୍ଧବ ଓ ଆତ୍ମୀୟମାନଙ୍କୁ ଗୁଆ ଦେଇ ବିବାହ ଉତ୍ସବକୁ ନିମନ୍ତ୍ରଣ କରାଯାଏ। ବିବାହ ଦିନ କନ୍ୟାକୁ ଶେଷ ଥର ପାଇଁ ସଧବାମାନେ ଗୁପ୍ତ ଭାବରେ ଗାଧୋଇ ଦେଇଥାନ୍ତି, ଯାହାକୁ ବାଡୁଅପାଣି ଗାଧୁଆ ବୋଲି କୁହାଯାଏ। ଏହାପରେ ରାତିରେ ବରପକ୍ଷ ବରଯାତ୍ରୀ ସହ ବାଜା, ବାଣ ଓ ରୋଷଣୀରେ ଆସୁଥିଲେ। ସେତେବେଳେ ମହିଳାମାନେ ବରଯାତ୍ରୀ ଆସିବାକୁ ଲଜ୍ଜାବୋଧ କରୁଥିଲେ। କେବଳ ପୁରୁଷ ଲୋକମାନେ ବରଯାତ୍ରୀ ଆସୁଥିଲେ। ବର ରୋଷଣୀ କରିସାରିବା ପରେ କନ୍ୟା ଓଡ଼ିଆ ରୀତିନୀତି ଅନୁଯାୟୀ ନୂଆ ଶାଢୀ ପିନ୍ଧି ମୁଣ୍ଡରେ ଓଢ଼ଣୀ ଦେଇ ବିବାହ ବେଦୀକୁ ଆସିଥାଏ। ବିବାହ ବେଦୀରେ ବ୍ରାହ୍ମଣ ମନ୍ତ୍ରପାଠ କରି, ବର ଓ କନ୍ୟାର ହସ୍ତଗଣ୍ଠି ପକାଇ ବିବାହ ସମ୍ପନ୍ନ କରାଯାଏ। ଅଗ୍ନିକୁ ସାକ୍ଷୀ ରଖି ବେଦୀ ଉପରେ ବର କନ୍ୟାର ମୁଣ୍ଡରେ ସିନ୍ଦୂର ପିନ୍ଧାଇ ସାତଜନ୍ମ ପାଇଁ ପତ୍ନୀରୂପରେ ଗ୍ରହଣ କରିଥାଏ। ସେତେବେଳେ କାଁ ଭାଁ ବିବାହ ଦୃଶ୍ୟକୁ କ୍ୟାମେରାରେ ଫଟୋ ଉଠାଇ ସ୍ମୃତି ଉଦ୍ଦେଶ୍ୟରେ ଆଲବମରେ ରଖୁଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି ଝିଅ ବିଦା ବେଳେ କାନ୍ଦଣା ପର୍ବ। ଝିଅ ଯେତେବେଳେ ବାପଘରୁ ଶାଶୂଘରକୁ ଯାଏ, ସେତେବେଳେ ବାପାବୋଉ, ଭାଇଭଉଣୀ, ଅଜାଆଇ ଓ ବନ୍ଧୁବାନ୍ଧବଙ୍କୁ ଧରି କାନ୍ଦିଥାଏ ଯାହା ସେଠାରେ କିଛିସମୟ ପାଇଁ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥାଏ। ବାପ ମଧ ନିଜ ଝିଅର ଚଳିବା ପାଇଁ ଖୁସିରେ କିଛି ଘରକରା ସାମଗ୍ରୀ ଦେଇଥାଏ ଯାହାକୁ ଯୌତୁକ ବୋଲି କୁହାଯାଏ। ବିବାହ ଭୋଜିରେ ଆଖପାଖ ଗ୍ରାମର ଭଦ୍ରଲୋକ ଓ ବନ୍ଧୁବାନ୍ଧବ ଉପସ୍ଥିତ ରହି ଭୋଜିଖାଇ ବରକନ୍ୟାକୁ ଆଶୀର୍ବାଦ କରୁଥିଲେ।

କଥାଟି ପୁରୁଣାକାଳିଆ ହେଲେ ବି ପ୍ରଥାଟି ସମ୍ପର୍କର ପବିତ୍ରତା ଓ ମଧୁରତାକୁ ପ୍ରଦର୍ଶିତ କରୁଥିଲା। ପୁଅ ବାହାଘର କରି ଘରକୁ ବୋହୁ ଆଣିବା ସହିତ ପରିବାର ଓ ବନ୍ଧୁବାନ୍ଧବଙ୍କ ମନରେ ଥାଏ ବୋହୂ ପରଷା ଖାଇବାର ମାନସିକତା। ଝିଅଟିଏ ବିବାହଯୋଗ୍ୟା ପୂର୍ବରୁ ବାପଘରୁ ଶିଖିକରି ଆସୁଥିଲା ସମ୍ମାନ, ସଂସ୍କାର, ସଂସ୍କୃତି, ରନ୍ଧଣା ଓ ସଣ୍ଣା ଆଦି ଘରକରଣା କଥା। ସେ ସମୟରେ ସାଧାରଣତଃ ଝିଅମାନେ ମାଟ୍ରିକ ପାସ୍ କଲା ପରେ ସେମାନଙ୍କ ପାଠଢାରେ ଡୋରି ବନ୍ଧା ହେଉଥିଲା ଏବଂ ଅଧିକ ପାଠପଢା ବଦଳରେ ସିଲାଇ, ବୁଣାବୁଣି, ପିଠାପଣା ଓ ଝୋଟି ଚିତା ସହ ରନ୍ଧାବଢାରେ ନିପୁଣତା ହାସଲ କରୁଥିଲେ। ଦିନଥିଲା ନୂଆ ବୋହୁଟିଏ ଶାଶୁଘରକୁ ଶୋଭା ବଢାଇବା ସହ ମାର୍ଜିତ ଆଚରଣ ବ୍ୟବହାରରେ ସମସ୍ତଙ୍କୁ ଆପଣାର କରି ନେଉଥିଲା। ପରିବାରର ସମସ୍ତଙ୍କର ନଜର ଥିଲା ନୂଆବୋହୂ ରୋଷେଇ ଘରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥରେ ସ୍ୱାଦର ଭିନ୍ନତା। ଘରେ ଶାଶୂ, ଶ୍ୱଶୁର, ଯାଆ, ଦେଢଶୂର ଆଦି ଗୁରୁଜନମାନଙ୍କୁ ଆଦର ସତ୍କାର କରି ପାଣି ସଜାଡ଼ି ଅନ୍ନ ବ୍ୟଞ୍ଜନ ପରଷି ଦେଉଥିଲା ଯାହାକୁ ବୋହୂ ପରଷା କୁହାଯାଉଥିଲା। କହିବାକୁ ଗଲେ ନୂଆବୋହୂଟିଏ ଘରେ ପାଦ ଦେଉ ଦେଉ ଘରର ଚଳିଚଳଣିରେ ପରିବର୍ତ୍ତନ ଆସିଯାଉଥିଲା।

ଏବେ କିନ୍ତୁ ସମୟ ବଦଳିଯାଇଛି, ବଦଳିଛି ଲୋକଙ୍କ ମାନସିକତା। ବିବାହ ଉତ୍ସବରେ ଅନେକ ପରିବର୍ତ୍ତନ ଘଟିଛି। ବିବାହ ପୂର୍ବରୁ ଉଭୟ ପୁଅଝିଅ ପରସ୍ପର ସହିତ ମିଶିବା, ସପିଂ କରିବା, ପଞ୍ଚତାରକା ହୋଟେଲରେ ଖାଇବା ଇତ୍ୟାଦିରେ ପରିଣତ ହେଲାଣି। ବିବାହ ଉତ୍ସବ ଏବେ ତିନି, ଚାରିଦିନିଆ ଉତ୍ସବରେ ପରିଣତ ହୋଇଯାଇଛି। ସାହି ପଡ଼ିଶା ଓ ବନ୍ଧୁବାନ୍ଧବଙ୍କ ଗହଣରେ ରିଂ ସେରିମନି, ମେହେନ୍ଦୀ ସେରିମନି, ହଳଦୀ ସେରିମନି, ସଙ୍ଗୀତ ସେରିମନି ପାଳନ କରାଯାଉଛି ଏବଂ ସେସବୁ ଦୃଶ୍ୟକୁ ଉତ୍ତୋଳନ କରାଯାଇ ସଙ୍ଗେ ସଙ୍ଗେ ସୋସିଆଲ ମିଡ଼ିଆରେ ପ୍ରସାରଣ କରାଯାଉଛି। ଏବେ ବିବାହ ଉତ୍ସବ ବିଭିନ୍ନ ମଣ୍ଡପ, ପଞ୍ଚତାରକା ହୋଟେଲରେ ସମ୍ପନ୍ନ ହେଉଛି। ପାଲିଙ୍କି ଓ ସବାରୀର ସ୍ଥାନ ନେଇଛି ଦାମୀ କାର୍। ବରକନ୍ୟାଙ୍କୁ ସୁସଜ୍ଜିତରେ ବେଶରେ ସଜାଇବା ପାଇଁ ବିଭିନ୍ନ ବିୟୁଟିପାର୍ଲରମାନ ଖୋଲିଲାଣି। ବର ନାମୀଦାମୀ ଫୁଲରେ ସଜ୍ଜିତ ବିଳାସପୂର୍ଣ୍ଣ କାର୍, ବିଭିନ୍ନ ଆତସବାଜୀ, ସୁସଜ୍ଜିତ ଡ଼ିଜେରେ ରୋଷଣୀ କରି ଆସିଲେଣି। ଉଭୟ ପୁରୁଷ ଓ ମହିଳା ବରଯାତ୍ରୀମାନେ ଡ଼ିଜେର ସୁମଧୁର ଗୀତରେ ମତୁଆଲା ହୋଇ ଆଧୁନିକ ଶୈଳୀରେ ନୃତ୍ୟ ପରିବେଷଣ କରି କନ୍ୟାଘରେ ପହଞ୍ଚିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହେଉଛି। ସମୟ ଏପରି ଉପନୀତ ହୋଇଛି ଯେ, ପୁରୁଷମାନେ ନାଚିବାକୁ ସଙ୍କୋଚ ମନେ କରୁଥିବା ବେଳେ ମହିଳାମାନେ କିନ୍ତୁ ଅନାୟସରେ, ବିନା ଦ୍ୱିଧାରେ ବିଭିନ୍ନ ଶୈଳୀରେ ନୃତ୍ୟ ପରିବେଷଣ କରିବା ଏକ ଫେଶନରେ ପରିଣତ ହେଲାଣି। ବିବାହ ବେଦୀରେ କନ୍ୟା ଓଡ଼ିଆ ରୀତିନୀତି ଓ ପରମ୍ପରା ଅନୁଯାୟୀ ଶାଢୀ ପିନ୍ଧିବାକୁ ପସନ୍ଦ କରୁନାହାଁନ୍ତି ବରଂ ପାଶ୍ଚାତ୍ୟଶୈଳୀରେ ଦାମୀ ପୋଷାକ (ଲେହେଙ୍ଗା) ପିନ୍ଧି ବିବାହ ବେଦୀକୁ ଆସିଲେଣି। ବିବାହ ପରେ ବାପଘର ଛାଡ଼ି ଶାଶୁଘରକୁ ଯିବା ସମୟରେ କନ୍ୟା ଯେଉଁ କାନ୍ଦଣା କାନ୍ଦୁଥିଲା, ସେ କାନ୍ଦ ଆଉ ଦେଖିବାକୁ ମିଳୁନି। ବରଂ ବିବାହ ପରେ ବାପାବୋଉ, ଭାଇଭଉଣୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ହସି ହସି ଶାଶୁ ଘରକୁ ଯିବାର ଦୃଶ୍ୟ ଏବେ ଅଧିକ ପରିଲକ୍ଷିତ ହେଉଛି। ବିବାହ ପରେ ଶାଶୁଘରେ ନୂଆବୋହୂଟି ଶାଢି ବଦଳରେ ଜିନ୍‌ପ୍ୟାଣ୍ଟ ଓ ଟି-ସାର୍ଟ ପିନ୍ଧିବାକୁ ପସନ୍ଦ କରୁଛି। ଏବେ ସବୁଠି ଚର୍ଚ୍ଚାରେ ରହୁଛି ବିବାହ ଭୋଜି। ବର ହେଉ ବା କନ୍ୟା, ଉଭୟ ପକ୍ଷଙ୍କ ଭୋଜି ବିଭିନ୍ନ ମଣ୍ଡପ ଓ ପଞ୍ଚତାରକା ହୋଟେଲରେ କରାଗଲାଣି। ବିବାହ ଭୋଜିରେ ଓଡ଼ିଆ ଖାଦ୍ୟ ଓ ପରମ୍ପରାକୁ ଛାଡ଼ି ଏବେ ପାଶ୍ଚାତ୍ୟ ଶୈଳୀରେ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ରକମର ସୁସ୍ୱାଦୁ ଖାଦ୍ୟ ପରଷା ଗଲାଣି। ପୂର୍ବରୁ ଅତିଥି ଏବଂ ବନ୍ଧୁବାନ୍ଧବମାନେ ଭୋଜି ଖାଇ ବରକନ୍ୟାକୁ କେବଳ ଆଶୀର୍ବାଦ କରୁଥିଲେ, କ୍ୱଚିତ ସାଙ୍ଗସାଥୀମାନେ ପୁଲତୋଡ଼ା ବା ଛୋଟମୋଟ ଉପହାର ଦେଉଥିଲେ। ଏବେ କିନ୍ତୁ ଅତିଥିମାନେ ଭୋଜି ଖାଇବା ପୂର୍ବରୁ ଗୋଟିଏ ଗୋଟିଏ ଲଫାଫାରେ ୫୦୦/୧୦୦୦/୨୦୦୦/୩୦୦୦ ପୁରାଇ ବରକନ୍ୟାଙ୍କୁ ଉପହାର ଦେଉଛନ୍ତି। ସମୟ ଏପରି ଉପନୀତ ହୋଇଛି ଯେ, ଜଣେ ଅତିଥି ବିନା ଉପହାରରେ ବିବାହ ଭୋଜି ଖାଇବାକୁ ଯାଉନାହିଁ। ବର୍ତ୍ତମାନ ସମୟରେ ଜଣେ ଭଦ୍ରବ୍ୟକ୍ତି ବିବାହ ଭୋଜିକୁ ଗଲେ ଅତି କମ୍‌ରେ ୫୦୦ରୁ ୧୦୦୦ ଟଙ୍କା ଉପହାର ଦେବାକୁ ପଡୁଛି। କହିବାକୁ ଗଲେ ଏବେ ବିବାହ ଭୋଜି ଏକ ବ୍ୟବସାୟରେ ପରିଣତ ହୋଇଗଲାଣି।

ଆର୍ଯ୍ୟ ସନାତନର ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଷୋହଳ ସଂସ୍କାର ମଧ୍ୟରେ ବିବାହ ଉତ୍ସବ ଏକ ପ୍ରମୁଖ ସଂସ୍କାର। ମାତ୍ର ଏବେ ବିବାହ ଉତ୍ସବ ଆସିଲେ ଆଉ ମନେପଡୁନି ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଗୁଆ ନିମନ୍ତ୍ରଣ, ଜାଇ ରଗଡ଼ା, ବଡ଼ି ଅନୁକୁଳ, ବାଡୁଅ ପାଣି ଗାଧୁଆ ଭଳି ଓଡ଼ିଆ ଘରର ରୀତିନୀତି। ଶଙ୍ଖା, ସିନ୍ଦୂର ଓଡ଼ିଆ ଘରର ସୁହାଗର ପ୍ରତୀକ ହୋଇଥିବା ବେଳେ ଏବେ ଉତ୍ତର ଓ ଦକ୍ଷିଣ ଭାରତୀୟଙ୍କ ଭଳି ମଙ୍ଗଳସୂତ୍ରକୁ ସୁହାଗର ପ୍ରତୀକ ଭାବେ ଗ୍ରହଣ କରାଗଲାଣି ଯାହାକି ଧୀରେ ଧୀରେ ଓଡ଼ିଆ ସଂସ୍କୃତିକୁ ଅବକ୍ଷୟମୁଖୀ କରିବା ସହ ବିଦେଶୀ ସଂସ୍କୃତିକୁ ଆପଣାଉଛନ୍ତି। ସାଂସ୍କୃତିକ ଭାବ ବିନିମୟ ଯୋଗୁ ଗୋଟିଏ ସଂସ୍କୃତିର ରୀତିନୀତି, ପରମ୍ପରା ଅନ୍ୟ ଏକ ସଂସ୍କୃତିକୁ ଯିବା ଶୁଭ ଲକ୍ଷଣ। କିନ୍ତୁ ଏହାର ମାନେ ନୁହେଁ ଯେ, ନିଜର ଗରିମାମୟ ସଂସ୍କୃତି ଓ ପରମ୍ପରାକୁ ବିକୃତ କରିବା। ଏହା ଫଳରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଲୋପ ପାଇଯିବ। କୌଣସି ଏକ ଜାତିର ପରିଚୟ ହେଉଛି ଏହାର ଭାଷା, ସଂସ୍କୃତି, ପରମ୍ପରା, ଚଳିଚଳଣି, ବେଶଭୂଷା ଓ ଖାଦ୍ୟପେୟ ଏସବୁ ଓଡ଼ିଆ ଜାତିର ଭିନ୍ନ, ଅନନ୍ୟ ଓ ସ୍ୱତନ୍ତ୍ର ବୋଲି ଓଡ଼ିଆ ଜାତି ସମୃଦ୍ଧ। ସେହିପରି ବିବାହ ଉତ୍ସବରେ ଓଡ଼ିଆ ରୀତିନୀତି ଅନୁଯାୟୀ ଶାଢିପିନ୍ଧା ଶୈଳୀର ଏକ ନିଆରା ଢଙ୍ଗ ରହିଥିଲେ ବି ଦକ୍ଷିଣ ଭାରତୀୟଙ୍କ ଭଳି କୁଞ୍ଚପଜା ଶାଢି ଓ ଲେହେଙ୍ଗା ପିନ୍ଧାଗଲାଣି। ଓଡ଼ିଆ ପାରମ୍ପରିକ ଶାଢିପିନ୍ଧା ଶୈଳୀକୁ ଅନେକ ଓଡ଼ିଆ ଝିଅ ଭୁଲିଗଲେଣି। ବଲିଉଡ଼ ଚଳଚ୍ଚିତ୍ରରେ ବିବାହର ଚାକଚକ୍ୟ ଓ ବର୍ଣ୍ଣାଢ୍ୟ ଉତ୍ସବ ଦେଖି ଅନେକ ଯୁବପିଢି ସେହି ଶୈଳୀରେ ବିବାହ କରିବାକୁ ଅଭିଭାବକଙ୍କୁ ବାଧ୍ୟ କରୁଛନ୍ତି। ଅଭିଭାବକମାନେ ଏହାକୁ ବିରୋଧ କରିବା ଆବଶ୍ୟକ, ନଚେତ ଆମ ଓଡ଼ିଆ ପରମ୍ପରା ଧୀରେ ଧୀରେ ବିଲୁପ୍ତ ହୋଇଯିବ। ଏଥିପ୍ରତି ଉଭୟ ବର ଓ କନ୍ୟାପକ୍ଷ ଲୋକମାନେ ଦୃଷ୍ଟି ଦେଇ ଏହାକୁ ପରିବର୍ତ୍ତନ କରି ଓଡ଼ିଆ ପରମ୍ପରା ଓ ରୀତିନୀତିକୁ ଆପଣାଇଲେ ପୂର୍ବ ପରି ଆମ ସଂସ୍କୃତି ଓ ପରମ୍ପରା ବଜାୟ ରହିବ।

# ବିକାଶର ଅନ୍ଧ ଦୌଡ଼ରେ ହଜିଯାଇଥିବା ଗୋଧନ ସଂସ୍କୃତି ଓ ସୁସ୍ଥ ଓଡ଼ିଶାର ଚିତ୍ର



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଏହା ଏକ ଚିରନ୍ତନ ସତ୍ୟ ଓ ଏକ ଗଭୀର ସାମାଜିକ ବାସ୍ତବତା ଯେ ଦିନେ ଚାଳିଆରେ ରହୁଥିବା ଏବଂ ସମାଜ ଆଖିରେ ଗରିବ ବୋଲାଉଥିବା ପ୍ରତିଟି ଓଡ଼ିଆ ଘରର ରୋଷେଇ ଶାଳରେ ବି ଗୁଆଘିଅର ବାସ୍ନା ମହକୁଥିଲା, ହେଲେ ଆଜି ଆଧୁନିକତାର ଚାକଚକ୍ୟ ଭିତରେ ବଞ୍ଚିଥିବା ଏବଂ କୋଟିପତି ବୋଲାଉଥିବା ଲୋକଙ୍କ ଆଲିଶାନ କୋଠାଘରେ ବି ସେହି ଶୁଦ୍ଧ ଗୁଆଘିଅ ଟୋପାଏ ମିଳିବା ଦୁର୍ଲଭ ହୋଇପଡ଼ିଛି । ଏହି ପରିବର୍ତ୍ତନ କେବଳ ଖାଦ୍ୟପେୟର ପରିବର୍ତ୍ତନ ନୁହେଁ, ବରଂ ଆମ ସଂସ୍କୃତି, ଅର୍ଥନୀତି, ଜୀବନଶୈଳୀ ଏବଂ ସର୍ବୋପରି ଆମ ପ୍ରଗତିର ଏକ ବଡ଼ ପ୍ରଶ୍ନବାଚୀ ଯାହା ଆମକୁ ଚିନ୍ତା କରିବାକୁ ବାଧ କରୁଛି ଯେ ଏହା କ'ଣ ପ୍ରକୃତରେ ବିକାଶଶୀଳ ଓଡ଼ିଶାର ବାସ୍ତବ ଚିତ୍ର । ବିକାଶର ସଂଜ୍ଞା ଯଦି କେବଳ ଉଚ୍ଚ ଅଟ୍ଟାଳିକା, ଚଉଡ଼ା ପକ୍କା ସଡ଼କ ଏବଂ ବ୍ୟାଙ୍କ ବାଲାନ୍ସକୁ ବୁଝାଏ, ତେବେ ହୁଏତ ଆମେ ଆଜି ବହୁତ ଆଗକୁ ବଢ଼ିଯାଇଛେ, କିନ୍ତୁ ବିକାଶର ଅର୍ଥ ଯଦି ଶୁଦ୍ଧ ଜୀବନ, ସୁସ୍ଥ ଶରୀର, ପାରମ୍ପରିକ ସମ୍ପଦର ସୁରକ୍ଷା ଏବଂ ମାନସିକ ଶାନ୍ତି ହୋଇଥାଏ, ତେବେ ଆମେ କେଉଁଠି ନା କେଉଁଠି ପଛକୁ ଫେରିଯାଇଛେ ବୋଲି ସ୍ୱୀକାର କରିବାକୁ ହେବ । ଅତୀତର ଓଡ଼ିଶାରେ ପ୍ରତି ଗାଁରେ ଏକ ଆତ୍ମନିର୍ଭରଶୀଳ ଅର୍ଥନୀତି ଥିଲା ଯେଉଁଠି ଟଙ୍କା ପଇସାର ପ୍ରାଚୁର୍ଯ୍ୟ ନଥିଲେ ବି ସମ୍ପଦର ଅଭାବ ନଥିଲା ଏବଂ ପ୍ରତିଟି ଚାଷୀ ପରିବାରରେ ଗାଈଗୋରୁ ଥିଲେ, ଦାଣ୍ଡ ଦୁଆରେ ଗୋଧନର ହମ୍ବା ରଡ଼ି ଶୁଭୁଥିଲା, ଯାହାଫଳରେ ଗରିବ ହେଲେ ବି ଚାଳିଆ ଘରର ମାଲିକ ମଧ ଦୁଧ, ଦହି, ଛେନା ଏବଂ ଶୁଦ୍ଧ ଗୁଆଘିଅ ଖାଇବାକୁ ପାଉଥିଲା, ଯାହା ତାର ସ୍ୱାସ୍ଥ୍ୟକୁ ସବଳ କରୁଥିଲା ଏବଂ ତା' ଜୀବନକୁ ଆୟୁଷ୍ମାନ କରୁଥିଲା । ମାତ୍ର ଆଜି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ମଣିଷ ସହରମୁଖୀ ହୋଇଛି, ପୁରୁଣା ମାଟିଘର ଭାଙ୍ଗି କଂକ୍ରିଟ୍ ଜଙ୍ଗଲ ଠିଆ ହୋଇଛି, କିନ୍ତୁ ସେହି ପ୍ରାକୃତିକ ସମ୍ପଦ ଓ ଗୋଧନ ସଂସ୍କୃତି ସମ୍ପୂର୍ଣ୍ଣ ଭାବେ ଉଭେଇ ଯାଇଛି ଯାହା ଦ୍ୱାରା ଆଜି କୋଟି କୋଟି ଟଙ୍କାର ମାଲିକ ମଧ ବଜାରର ମିଶ୍ରିତ ତେଲ, ଡାଲଡା ଏବଂ କେମିକାଲ ଯୁକ୍ତ ନକଲି ଘିଅ ଖାଇବାକୁ ବାଧ ହେଉଛି । ଏହି ବିଡ଼ମ୍ବନାକୁ ଆମେ ବିକାଶ କହିବା ନା ବିନାଶର ଆରମ୍ଭ କହିବା ତାହା ଏକ ବଡ଼ ପ୍ରଶ୍ନ କାରଣ ଯେଉଁ ସମାଜ ନିଜର ମୌଳିକ ଶୁଦ୍ଧତା ହରାଇ ବସେ, ସେହି ସମାଜର ଭୌତିକ ସମୃଦ୍ଧି କେବଳ ଏକ ମରୀଚିକା ସଦୃଶ ହୋଇଥାଏ । ଆଜିର ଚକାଚକ୍ୟ ଓଡ଼ିଶାରେ ଆମେ ଶିଳ୍ପାୟନ, ସହରୀକରଣ ଏବଂ ଆଧୁନିକ ଶିକ୍ଷାର ପ୍ରସାର ଦେଖୁଛେ ସତ, କିନ୍ତୁ ଏହା ସହିତ ଗ୍ରାମୀଣ କୃଷି ଭିତ୍ତିଭୂମିର ଯେଉଁ ଅବକ୍ଷୟ ଘଟିଛି ତାହା ଅତ୍ୟନ୍ତ ଚିନ୍ତାଜନକ ଅଟେ । ଗାଁ ଗୁଡ଼ିକରୁ ଗୋଠ ଉଭେଇ ଗଲାଣି, ଭାଗବତ ଟୁଙ୍ଗି ଶୂନ୍ୟ ହେଲାଣି, ଏବଂ ଯେଉଁ ଗାଈମାନଙ୍କୁ ଦିନେ ଗୃହଲକ୍ଷ୍ମୀ ଭାବେ ପୂଜା କରାଯାଉଥିଲା, ସେମାନେ ଆଜି ରାସ୍ତାଘାଟରେ ପ୍ଲାଷ୍ଟିକ୍ ଖାଉଥିବାର ଦେଖାଯାଉଛନ୍ତି, ଯାହା ଆମର ତଥାକଥିତ ବିକାଶର ଅସଲ ମୁଖା ଖୋଲିଦିଏ । ଏହି ଆର୍ଟିକିଲ୍ ମାଧ୍ୟମରେ ଆମେ ଏହି ବିଷୟର ଗଭୀରତାକୁ ଅନୁଧ୍ୟାନ କରିବୁ ଏବଂ ଦେଖିବୁ କିପରି ଓଡ଼ିଶାର ବିକାଶଶୀଳ ଯାତ୍ରା ଭିତରେ ଆମେ ଆମର ମୂଲ୍ୟବାନ ସଂସ୍କୃତି ଓ ସ୍ୱାସ୍ଥ୍ୟପ୍ରଦ ପରମ୍ପରାକୁ ହରାଇ ବସିଛେ ଏବଂ ଏହାର ପ୍ରତିକାର ପାଇଁ ଆମକୁ କେଉଁ ସବୁ ପଦକ୍ଷେପ ନେବାକୁ ହେବ ।

ଅତୀତର ଓଡ଼ିଶା ଥିଲା କୃଷି ଓ ଗୋପାଳନର ଏକ ସୁନ୍ଦର ସମନ୍ୱୟ ଯେଉଁଠି ପ୍ରତିଟି ପରିବାର ନିଜକୁ ଗରିବ ମନେ କରୁନଥିଲେ କାରଣ ସେମାନଙ୍କ ପାଖରେ ପ୍ରକୃତିର ଅମୂଲ୍ୟ ଦାନ ଥିଲା । ଚାଳିଆ ଘରଟିଏ ହେଲେ ବି ତା'ର ଗୁହାଳରେ ଦୁଇଟା ଗାଈ ଥିଲେ ଏବଂ ମାଆ ଭଉଣୀମାନେ ପ୍ରତିଦିନ ସକାଳୁ ଉଠି ଗୋବର ଲିପି ଦୁଆର ସଫା କରୁଥିଲେ, ଗାଈ ଦୁହୁଁଥିଲେ, ସେହି କ୍ଷୀରକୁ ଜାଳ ଦେଇ ଦହି ବସାଉଥିଲେ ଏବଂ ସେହି ଦହିକୁ ମନ୍ଥନ କରି ସେଥିରୁ ସୁବାସିତ ଲହୁଣୀ ଓ ଗୁଆଘିଅ ପ୍ରସ୍ତୁତ କରୁଥିଲେ । ସେହି ଶୁଦ୍ଧ ଗୁଆଘିଅ କେବଳ ଖାଦ୍ୟର ସ୍ୱାଦ ବଢ଼ାଉନଥିଲା, ବରଂ ତାହା ଥିଲା ଘରର ସବୁଠାରୁ ବଡ଼ ଔଷଧ ଯାହା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ରୋଗପ୍ରତିରୋଧକ ଶକ୍ତିକୁ ମଜବୁତ ରଖୁଥିଲା । ଆଜିର ଡାକ୍ତରମାନେ ଯେଉଁ ଖାଦ୍ୟକୁ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍‌ର ଭଣ୍ଡାର ବୋଲି କହୁଛନ୍ତି, ତାହା ଆମର ପୂର୍ବପୁରୁଷମାନେ ବିନା କୌଣସି ଲାବୋରେଟୋରୀ ପରୀକ୍ଷାରେ ଜାଣିପାରିଥିଲେ ଏବଂ ପ୍ରତିଦିନ ନିଜ ଖାଦ୍ୟରେ ବ୍ୟବହାର କରୁଥିଲେ । ସେତେବେଳେ ସମାଜରେ ହୃଦ୍‌ରୋଗ, ମଧୁମେହ କିମ୍ବା କର୍କଟ ଭଳି ମାରାତ୍ମକ ରୋଗର ନାଁ କେହି ଶୁଣିନଥିଲେ କାରଣ ସେମାନଙ୍କ ରକ୍ତରେ ଗୁଆଘିଅର ଶୁଦ୍ଧତା ଏବଂ ମାଟିର ଶକ୍ତି ଥିଲା । ବିକାଶର ପ୍ରଥମ ସୋପାନରେ ଆମେ ଏହି କୃଷିଭିତ୍ତିକ ସଂସ୍କୃତିକୁ 'ପଛୁଆ' ବୋଲି ଭାବିଲୁ ଏବଂ ପାଶ୍ଚାତ୍ୟ ଅନୁକରଣରେ ଚାଷକାମ ତଥା ଗୋପାଳନକୁ ହେୟଜ୍ଞାନ କଲୁ ଯାହାର ପରିଣାମ ସ୍ୱରୂପ ଆଜି ଆମ ସମାଜରେ ଧନ ବଢ଼ିଛି ସତ, କିନ୍ତୁ ଆୟୁଷ ଓ ସ୍ୱାସ୍ଥ୍ୟ କମିଯାଇଛି । କୋଠାଘରର ମାଲିକ ଆଜି ଲକ୍ଷ ଲକ୍ଷ ଟଙ୍କାର ମେଡିକାଲ୍ ବିଲ୍ ଦେଉଛି, ବଜାରରୁ ସବୁଠାରୁ ଦାମୀ ବ୍ରାଣ୍ଡେଡ୍ ଜିନିଷ କିଣୁଛି, କିନ୍ତୁ ସେହି ବ୍ରାଣ୍ଡେଡ୍ ପ୍ୟାକେଟ୍ ଭିତରେ ଯେଉଁ ବିଷାକ୍ତ କେମିକାଲ୍ ଏବଂ ପାମୋଲିନ୍ ତେଲ ମିଶି ରହିଛି, ତାହା ତାକୁ ଧୀରେ ଧୀରେ ମୃତ୍ୟୁ ଆଡ଼କୁ ଠେଲି ଦେଉଛି । ଯେଉଁ ଓଡ଼ିଶାରେ ଜଗନ୍ନାଥ ସଂସ୍କୃତିର ମୂଳଦୁଆ ଗୋଧନ ଓ କୃଷି ଉପରେ ଆଧାରିତ, ସେହି ଓଡ଼ିଶାରେ ଆଜି ଗୁଆଘିଅ ପାଇଁ ଆମକୁ ଅନ୍ୟ ରାଜ୍ୟ ଉପରେ କିମ୍ବା ବଡ଼ ବଡ଼ କମ୍ପାନୀର ଆର୍ଟିଫିସିଆଲ୍ ପ୍ରୋଡକ୍ଟ ଉପରେ ନିର୍ଭର କରିବାକୁ ପଡୁଛି, ଏହା କେବେ ବି ଏକ ସୁସ୍ଥ ବିକାଶର ଲକ୍ଷଣ ହୋଇନପାରେ । ଆଜିର ଓଡ଼ିଶା ବିକାଶଶୀଳ ହେବାର ଦାବି କରୁଥିବା ବେଳେ ଆମେ ଦେଖୁଛେ ଯେ ଆମର ଯୁବପିଢ଼ି ନିଜ ମାଟିକୁ ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କିମ୍ବା ସହରରେ ସ୍ୱଳ୍ପ ଦରମାରେ ଚାକିରି କରୁଛନ୍ତି, କିନ୍ତୁ ନିଜ ଗାଁରେ ରହି ଗୋପାଳନ କରିବାକୁ ବା ଚାଷ କରିବାକୁ ଲାଜ କରୁଛନ୍ତି । ଏହି ମାନସିକତା ହିଁ ଆମକୁ ପ୍ରକୃତ ସମୃଦ୍ଧିରୁ ଦୂରେଇ ନେଇଛି । କୋଟିପତିମାନଙ୍କ ଘରେ ଆଜି ସୁନା ଅଳଙ୍କାର ଅଛି, କାର୍ ଅଛି, ମାର୍ବଲ୍ ଚଟାଣ ଅଛି, କିନ୍ତୁ ସକାଳର ସେହି ଶୁଦ୍ଧ ଦୁଧର ବାସ୍ନା ନାହିଁ କି ରୋଷେଇରେ ସେହି ଗୁଆଘିଅର ସୁଗନ୍ଧ ନାହିଁ, ଯାହା ସ୍ପଷ୍ଟ କରେ ଯେ ଆମେ ସୁବିଧା ପାଇଛେ କିନ୍ତୁ ସୁଖ ହରାଇଛେ ।

ଭାରତୀୟ ସଂସ୍କୃତି ଏବଂ ବିଶେଷ କରି ଓଡ଼ିଶାରେ ଗୁଆଘିଅକୁ କେବଳ ଏକ ଖାଦ୍ୟ ପଦାର୍ଥ ଭାବେ ଦେଖାଯାଏ ନାହିଁ, ବରଂ ଏହାକୁ ପବିତ୍ରତାର ପ୍ରତୀକ, ଦେବତାଙ୍କର ପ୍ରିୟ ବସ୍ତୁ ଏବଂ ଆୟୁର୍ବେଦର ଏକ ମହାନ ସମ୍ପଦ ଭାବେ ଗ୍ରହଣ କରାଯାଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହିରେ ଗୁଆଘିଅର ବ୍ୟବହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି ଘିଅ ପାଇଁ ଦିନେ ସ୍ୱତନ୍ତ୍ର ସେବାୟତ ଓ ଗୋଶାଳାମାନ ରହିଥିଲା । କିନ୍ତୁ ଆଜି ବିକାଶର ନାଁରେ ଯେଉଁ ବ୍ୟବସାୟୀକରଣ ଚାଲିଛି, ତାହା ଭିତରେ ଶୁଦ୍ଧ ଗୁଆଘିଅର ସ୍ଥାନ ନେଇଛି ମିଶ୍ରିତ ଡାଲଡା ଏବଂ ଭେଜାଲ ଲିକ୍ୟୁଇଡ୍, ଯାହା ମଣିଷର ଶରୀରକୁ ଭିତରୁ ଆସ୍ତେ ଆସ୍ତେ ଖୋଳ କରିଦେଉଛି । ପୂର୍ବରୁ ଗରିବ ଲୋକଟିଏ ଦିନଯାକ ବିଲରେ ପରିଶ୍ରମ କରିବା ପରେ ରାତିରେ ଯେତେବେଳେ ପଖାଳ କଂସାଏ ସହିତ ଟୋପାଏ ଗୁଆଘିଅ ଏବଂ ପିଆଜ ଗଣ୍ଠାଏ ଖାଉଥିଲା, ତା'ର ଶରୀରରେ ଯେଉଁ ଶକ୍ତି ଜାତ ହେଉଥିଲା, ତାହା ଆଜିର ଜିମ୍ ଯାଉଥିବା କୋଟିପତି ଯୁବକମାନଙ୍କ ପାଖରେ ବି ଦେଖିବାକୁ ମିଳୁନାହିଁ କାରଣ ସେମାନେ ପ୍ରୋଟିନ୍ ପାଉଡର ଖାଉଛନ୍ତି ସତ କିନ୍ତୁ ପ୍ରାକୃତିକ ପୋଷଣ ପାଉନାହାନ୍ତି । ଓଡ଼ିଶାର ପ୍ରଗତିର ଏହି ଚିତ୍ରଟି ବଡ଼ ବିଚିତ୍ର ଯେଉଁଠି ମଣିଷ ବାହାରକୁ ବହୁତ ସମୃଦ୍ଧ ଦେଖାଯାଉଛି କିନ୍ତୁ ଭିତରୁ ସେ ସମ୍ପୂର୍ଣ୍ଣ ଭାବେ କଙ୍ଗାଳ ହୋଇଯାଇଛି । ଗରିବ ଚାଳିଆ ଘରେ ଦିନେ ଯେଉଁ ଆତ୍ମସନ୍ତୋଷ ଥିଲା, ଯେଉଁ ସାମାଜିକ ସଦ୍‌ଭାବନା ଥିଲା, ତାହା ଆଜିର ଏହି କୋଠାଘର ଗୁଡ଼ିକରେ କେଉଁଠି ଦେଖିବାକୁ ମିଳେନାହିଁ । ଆଜିର ସମାଜରେ ପଇସା ଅଛି କିନ୍ତୁ ପରସ୍ପର ପ୍ରତି ପ୍ରେମ ନାହିଁ, ସୁଉଚ୍ଚ ପ୍ରାଚୀର ଘେରା କୋଠା ଅଛି କିନ୍ତୁ ସେଠାରେ ବସିବାକୁ କାହା ପାଖରେ ସମୟ ନାହିଁ । ଏହି ଚିତ୍ରଟି ପ୍ରମାଣ କରେ ଯେ ବିକାଶର ଗତିପଥରେ କେଉଁଠି ନା କେଉଁଠି ଏକ ବଡ଼ ତ୍ରୁଟି ରହିଯାଇଛି, ଯାହାକୁ ସୁଧାରିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ଅଟେ । ଆମକୁ ଯଦି ପ୍ରକୃତରେ ଏକ ବିକାଶଶୀଳ ଏବଂ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ହେବ, ତେବେ ଆମକୁ ପୁଣି ଥରେ ଆମର ମୂଳଦୁଆ କୃଷି ଓ ଗୋପାଳନ ଆଡ଼କୁ ଫେରିବାକୁ ପଡ଼ିବ । ସରକାରୀ ସ୍ତରରେ ଗୋଶାଳା ମାନଙ୍କର ପ୍ରତିଷ୍ଠା, ଦେଶୀ ଗାଈ ମାନଙ୍କର ବଂଶ ବୃଦ୍ଧି ଏବଂ ଦୁଗ୍ଧ ଚାଷୀମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବା ଜରୁରୀ, ଯେପରି ପ୍ରତିଟି ଓଡ଼ିଆ ଘରେ ପୁଣି ଥରେ ଶୁଦ୍ଧ ଗୁଆଘିଅ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରିବ । ଏଥିସହିତ ସମାଜର ଧନୀକ ଶ୍ରେଣୀ ଏବଂ କୋଟିପତିମାନଙ୍କୁ ମଧ ନିଜର ମାନସିକତା ବଦଳାଇବାକୁ ହେବ, କେବଳ ବିଦେଶୀ ଜୀବନଶୈଳୀକୁ ଆପଣେଇ ନିଜକୁ ଆଧୁନିକ ପ୍ରମାଣିତ କରିବା ଅପେକ୍ଷା ନିଜର ପାରମ୍ପରିକ ଖାଦ୍ୟ ଓ ସଂସ୍କୃତିକୁ ସମ୍ମାନ ଦେବା ଶିଖିବାକୁ ହେବ, ଯେଉଁଦିନ ପ୍ରତିଟି ଧନୀ ପରିବାର ନିଜ କୋଠାଘର ଦୁଆରେ ଗୋଟିଏ ହେଲେ ବି ଦେଶୀ ଗାଈ ପାଳିବାକୁ ଗର୍ବ ମନେକରିବେ, ସେହିଦିନ ହିଁ ଓଡ଼ିଶାର ପ୍ରକୃତ ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ । ଧନର ପ୍ରାଚୁର୍ଯ୍ୟ କେବେ ବି ମଣିଷକୁ ଶ୍ରେଷ୍ଠ କରେନାହିଁ, ବରଂ ତାର ଆଚାର, ବିଚାର ଏବଂ ସୁସ୍ଥ ଜୀବନଶୈଳୀ ହିଁ ତାକୁ ସମାଜରେ ପ୍ରତିଷ୍ଠିତ କରାଏ । ଆଜିର ଯୁବପିଢ଼ିକୁ ମଧ ଏହି ବାର୍ତ୍ତା ବୁଝିବାକୁ ହେବ ଯେ ମାଟିକୁ ଛାଡ଼ି ଆକାଶରେ ଉଡ଼ିବା ଦ୍ୱାରା କିଛି ସମୟ ପାଇଁ ଆନନ୍ଦ ମିଳିପାରେ କିନ୍ତୁ ଶେଷରେ ଆଶ୍ରୟ ପାଇଁ ମାଟିକୁ ହିଁ ଫେରିବାକୁ ପଡ଼ିଥାଏ । ତେଣୁ ବିକାଶର ଏହି ଅନ୍ଧ ଦୌଡ଼ରେ ସାମିଲ ନହୋଇ ଆମେ ଆମର ଗୌରବମୟ ଅତୀତର ଭଲ ଗୁଣଗୁଡ଼ିକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଉଚିତ୍, ଯେପରି ଆଗାମୀ ଦିନରେ ଓଡ଼ିଶାର କୌଣସି ବି ପ୍ରାନ୍ତରେ ଚାଳିଆ ହେଉ କି କୋଠାଘର, ସବୁଠି ଶୁଦ୍ଧ ଗୁଆଘିଅର ମହକ ରହିବ ଏବଂ ପ୍ରତିଟି ଓଡ଼ିଆ ସୁସ୍ଥ ଓ ନିରୋଗ ରହି ନିଜର ପରିଚୟକୁ ବିଶ୍ୱ ଦରବାରରେ ଗର୍ବର ସହ ଉପସ୍ଥାପନ କରିପାରିବ, ଏବଂ ସେତେବେଳେ ହିଁ ଆମେ ପ୍ରକୃତ ଅର୍ଥରେ କହିପାରିବା ଯେ ଓଡ଼ିଶା ଏକ ସଠିକ୍ ଏବଂ ସନ୍ତୁଳିତ ଦିଗରେ ବିକାଶଶୀଳ ହେଉଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଅଗଷ୍ଟ ୨୦୨୬ ରବିବାର





# ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ରେଳସେବାର ବିକାଶ ନିମନ୍ତେ ସାଂସଦଙ୍କ ଦାବି



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ରେଳ ସେବାର ବିକାଶ, ଯାତ୍ରୀ ସୁବିଧା ବୃଦ୍ଧି ଓ ନୂତନ ଟ୍ରେନ୍ ସେବା ପ୍ରଚଳନ ଦାବିରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ବିସ୍ତୃତ ପତ୍ର ଲେଖିଛନ୍ତି। ପତ୍ରରେ ସାଂସଦ ପୁରୋହିତ ଉତ୍କଳ ଏକ୍ସପ୍ରେସ (୧୮୨୭୧।୧୮୨୭୨)ର ନିୟମିତ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରି ଏହାର ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ସେହିପରି ବ୍ରଜରାଜନଗରକୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଉଲ୍ଲେଖ କରି ସେଠାରେ ଉନ୍ନତ ରେଳ ସେବା ଓ ଯାତ୍ରୀ ସୁବିଧା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ସାଂସଦ ବ୍ରଜରାଜନଗର, ଝାରସୁଗୁଡ଼ା, ବରପାଲି ଓ ଅତାବିରା ରେଳ ଷ୍ଟେସନ୍‌ରେ ଅନେକ ଦୂରଗାମୀ ଟ୍ରେନ୍‌ର ରହଣି ବ୍ୟବସ୍ଥା କରିବା ଏବଂ ପୂର୍ବରୁ ବନ୍ଦ ହୋଇଥିବା କିଛି ଟ୍ରେନ୍ ରହଣିକୁ ପୁନଃସ୍ଥାପନ କରିବାକୁ ଦାବି କରିଛନ୍ତି। ଏଥିସହ ବିଲାସପୁର-ପୁରୀ ନୂତନ ଟ୍ରେନ୍, ଟିଟିଲାଗଡ଼-ବଲାଙ୍ଗିର-ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ, ଝାରସୁଗୁଡ଼ା-ବିଶାଖାପାଟଣା ବନ୍ଦେ ଭାରତ ଏବଂ ବରଗଡ଼-ବଲାଙ୍ଗିରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ନୂତନ କୋଚିଂ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଛନ୍ତି। ପତ୍ରରେ ଗୋଣ୍ଡୱାନା ଏକ୍ସପ୍ରେସ୍‌କୁ ସମ୍ବଲପୁର ପର୍ଯ୍ୟନ୍ତ, ଜନ ଶତାବ୍ଦୀ ଏକ୍ସପ୍ରେସ୍‌କୁ ଝାରସୁଗୁଡ଼ା କିମ୍ବା ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ସହ ହୀରାକୁଦ ଏକ୍ସପ୍ରେସର ସାପ୍ତାହିକ ଚଳାଚଳକୁ ଦୈନିକ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ବ୍ରଜରାଜନଗର ରେଳ ଷ୍ଟେସନରେ ଶୌଚାଳୟ, ଡିସ୍‌ପ୍ଲେ ବୋର୍ଡ, କୋଚ୍ ଗାଇଡେନ୍ସ ସିଷ୍ଟମ୍, ଉନ୍ନତ ଘୋଷଣା ବ୍ୟବସ୍ଥା ଓ ଆଲୋକୀକରଣ ବ୍ୟବସ୍ଥାର ଉନ୍ନତି ଏବଂ ବେଲପାହାଡ଼ ରେଳ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ କାର୍ଯ୍ୟଗୁଡ଼ିକର ଶୀଘ୍ର ସମ୍ପାଦନ ପାଇଁ ସେ ଦାବି କରିଛନ୍ତି। ଏହାସହ ବହୁ ପ୍ରତୀକ୍ଷିତ ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଂସଦ ରେଳମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପଶ୍ଚିମ ଓଡ଼ିଶାର ଯାତ୍ରୀ ଚାହିଦା ଓ ବିକାଶମୂଳକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଏହି ସମସ୍ତ ପ୍ରସ୍ତାବର ଶୀଘ୍ର ଅନୁମୋଦନ ଓ କାର୍ଯ୍ୟକାରୀ କରିବାକୁ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



# ତପନଙ୍କ ମହନୀୟତା:ପାଇଥିବା ଟଙ୍କା ଫେରାଇଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଦକ୍ଷିଣପାରୀ ଗ୍ରାମର ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକ ଏଟିଏମ୍‌ରୁ ୧୨ ହଜାର ଟଙ୍କା ଉଠାଇ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ନିକଟରେ ପକେଟରୁ ପଇସା ବାହାର କାଲବେଳେ ଟଙ୍କାର ସମସ୍ତ ଟଙ୍କା ସେଠାରେ ପଡ଼ିଯାଇଥିଲା। ପଟ୍ଟାମୁଣ୍ଡାଇ ଚନ୍ଦନ ନଗର ଗ୍ରାମର ତପନ କୁମାର କର ଉକ୍ତ ଟଙ୍କାକୁ ପାଇ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କ ଆଗରେ ପାଇଥିବା ଟଙ୍କାକୁ ପ୍ରହଲ୍ଲାଦ ମଲ୍ଲିକଙ୍କୁ ଫେରାଇଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସୌର ଶକ୍ତି ବ୍ୟବହାରରେ ସରକାରୀ କାର୍ଯ୍ୟାଳୟ ପଛରେ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସୌର ଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ସରକାର ଦଶବର୍ଷ ହେଲା ଜୋର୍ ଦେଉଛନ୍ତି । ବିଶେଷ କରି ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ରୁଫ୍‌ଟପ୍ ସୋଲାର୍ ସ୍ଥାପନକୁ ପ୍ରାଥମିକତା ଦେବାକୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଛି । ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହେଉଛି । ଓଡ଼ିଶା ରିନ୍ୟୁଏବଲ୍ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସିକୁ ଜିଲ୍ଲାସ୍ତରରେ ଦାୟିତ୍ୱ ମଧ୍ୟ ଦିଆଯାଇଛି । କିନ୍ତୁ କାର୍ଯ୍ୟକାରୀ ବେଳକୁ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ବ୍ରହ୍ମପୁରରେ ହାତଗଣତି ଗୋଟିଏ କିମ୍ବା ଦୁଇଟି ସରକାରୀ କାର୍ଯ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ କୌଣସି ଅଫିସର ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ହୋଇନାହିଁ। ଏହାର ବ୍ୟତିକ୍ରମ ସାଜିଛି ବ୍ରହ୍ମପୁର ମହାନଗର ନିଗମ । ୨୦୨୦ ମସିହାରେ ୧୦୦ କିଲୋୱାଟ୍ କ୍ଷମତାର ରୁଫ୍‌ଟପ୍ ସୋଲାର ସ୍ଥାପନ କରି ବିଏମ୍‌ସି ବିଦ୍ୟୁତ୍ ବିଲ୍‌କୁ ପ୍ରାୟ ୮୦ ପ୍ରତିଶତ କମାଇବାରେ ସଫଳ ହୋଇଛି । ଏବେ ଏହାର କ୍ଷମତା ବଢ଼ାଇବାକୁ ନିଗମ ଯୋଜନା କରୁଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ପ୍ରଶାସନିକ କେନ୍ଦ୍ର ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସେଟଲମେଣ୍ଟ କାର୍ଯ୍ୟାଳୟ, ଦକ୍ଷିଣାଞ୍ଚଳ ପୋଲିସ ଆଇଜି କାର୍ଯ୍ୟାଳୟ, ଏସ୍‌ପି କାର୍ଯ୍ୟାଳୟ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଆୟକର, ଜିଏସ୍‌ଟି, ଅବକାରୀ ବିଭାଗ ସମେତ ବିଭିନ୍ନ ଲାଇନ୍ ବିଭାଗର କାର୍ଯ୍ୟାଳୟ ରହିଛି । ଏହାଛଡ଼ା ସରକାରୀ ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ ଓ କୋର୍ଟ ପରିସରରେ ମଧ୍ୟ ବ୍ୟାପକ ବିଦ୍ୟୁତ୍ ବ୍ୟବହାର ହୁଏ । ସହରରେ ଶହେରୁ ଅଧିକ ସରକାରୀ ପ୍ରତିଷ୍ଠାନ ଥିଲେ ମଧ୍ୟ ଅଧିକାଂଶ ଏ ପର୍ଯ୍ୟନ୍ତ ସୌର ଶକ୍ତି ବ୍ୟବହାର ଆରମ୍ଭ କରିନାହାନ୍ତି । ଏହି ସମସ୍ତ କାର୍ଯ୍ୟାଳୟରେ ଏସି, କମ୍ପ୍ୟୁଟର, ଫ୍ୟାନ୍, ଲାଇଟ୍, କୁଲର ଭଳି ବୈଦ୍ୟୁତିକ ଉପକରଣ ଦିନସାରା ଚାଲୁ ରହୁଛି । ଫଳରେ ପ୍ରତିମାସ ବିଦ୍ୟୁତ୍ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ତଥାପି ଦୀର୍ଘମିଆଦି ସଞ୍ଚୟର ମାଧ୍ୟମ ହୋଇପାରୁଥିବା ରୁଫ୍‌ଟପ୍ ସୋଲାର ସ୍ଥାପନ ଦିଗରେ ଅଧିକାଂଶ ବିଭାଗ ପଦକ୍ଷେପ ନେଇନାହାନ୍ତି । ବିଦ୍ୟୁତ୍ ବିଲ୍‌ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସୌରଶକ୍ତି ପ୍ରତି ଆଗ୍ରହର ଅଭାବ ସ୍ପଷ୍ଟ ହୋଇଛି । ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓରେଡା ପକ୍ଷରୁ ମଧ୍ୟ ବିଭିନ୍ନ ସ୍ତରରେ ସମନ୍ୱୟ କରାଯାଇଥିଲା । ହେଲେ ସେହି ନିର୍ଦ୍ଦେଶ କାଗଜ କଲମରେ ହିଁ ସୀମିତ ରହିଗଲା । ଆଜି ପର୍ଯ୍ୟନ୍ତ ଅଧିକାଂଶ ବିଭାଗ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି । ଅନ୍ୟପକ୍ଷରେ ବିଏମ୍‌ସି ୨୦୨୦ ମସିହାରେ ପୁରୁଣା କାର୍ଯ୍ୟାଳୟ ଭବନ ଉପରେ ୧୦୦ କିଲୋୱାଟ୍ କ୍ଷମତାର ରୁଫ୍‌ଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ କରିଥିଲା । ନିଗମର ବିଦ୍ୟୁତ୍ ବିଭାଗର ତଥ୍ୟ ଅନୁସାରେ ପୂର୍ବରୁ ମାସିକ ବିଦ୍ୟୁତ୍ ବିଲ୍ ପ୍ରାୟ ୧ ଲକ୍ଷ ଟଙ୍କା ହେଉଥିଲା । ସୋଲାର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ଏହା ୨୦ ହଜାର ଟଙ୍କାକୁ ଖସିଆସିଛି । ଫଳରେ ବିଦ୍ୟୁତ୍ ବିଲ୍‌ରେ ପ୍ରାୟ ୮୦ ପ୍ରତିଶତ ସଞ୍ଚୟ ସମ୍ଭବ ହୋଇଛି । ଏହି ସଫଳତା ପରେ ନିଗମ ଆହୁରି ଅଧିକ କ୍ଷମତାର ସୋଲାର ପ୍ୟାନେଲ୍ ସ୍ଥାପନ ପାଇଁ ପଦକ୍ଷେପ ନେଉଛି । ବିଶ୍ୱସ୍ତରରେ ଶକ୍ତି ସଙ୍କଟ ଓ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ସୌର ଶକ୍ତି ବ୍ୟବହାରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ।

# ସମସ୍ୟା ଘେରରେ କନ୍ଧମାଳ ସ୍ୱାସ୍ଥ୍ୟ ବିଭାଗ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ପାଢ଼ି ଅଧ୍ୟକ୍ଷତା କରିଥିଲେ। ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ଡାକ୍ତରଖାନାରେ ଏକ ଜେରିଏଟ୍ ୱାର୍ଡ ଖୋଲିବା, ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବା, ହୃଦ୍‌ରୋଗୀ ମାନଙ୍କ ପାଇଁ ବିଶେଷଜ୍ଞ ମାସକୁ ଅନ୍ୟୁନ ଦୁଇଦିନ ଆସିବା ବ୍ୟବସ୍ଥା କରିବା, ବିଭିନ୍ନ ୱାର୍ଡରେ ବାତାନୁକୁଳିନ ବ୍ୟବସ୍ଥା କରିବା ଆଦି ଅନ୍ତର୍ଭୁକ୍ତ । ଡାକ୍ତର ପାଢ଼ୀ ଏସବୁ ଦାବି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରଖାନାରେ ପ୍ରଥମ କରି ମ୍ୟୁଜିକ୍ ଥେରାପୀ, ଅଖଣ୍ଡଦୀପ ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ ଡାକ୍ତର ପାଢ଼ୀ ଆରମ୍ଭ କରିଥିଲେ। ତେବେ ଅଖଣ୍ଡ ଦୀପକୁ ସବୁଦିନ ପାଇଁ ପ୍ରଜ୍ୱଳନ ରଖିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଲୋଚନାରେ ବରିଷ୍ଠ ଆଇନଜୀବୀ ଅଶୋକ ବେହେରା, ବିଜୟକୃଷ୍ଣ ପଟ୍ଟନାୟକ, ପ୍ରତାପ ପାତ୍ର, ବରିଷ୍ଠ ନାଗରିକ ସର୍ବେଶ୍ୱର ମିଶ୍ର, ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ବେହେରା ଅନ୍ୟାନ୍ୟ ସମାଜିକ କର୍ମୀ ଭାଗ ନେଇଥିଲେ।

# ସାମ୍ବାଦିକ ପରିଚୟର ଅପବ୍ୟବହାର:ଗଣମାଧ୍ୟମର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



## ଜିଲ୍ଲାପାଳଙ୍କୁ ଭେଟିଲେ ମୟୂରଭଞ୍ଜ ସାମ୍ବାଦିକ ପରିବାର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ସଦସ୍ୟ ଶନିବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ନିଜର ସମସ୍ୟା ଜଣାଇବା ସହିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ ପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାରେ କିଛି ବ୍ୟକ୍ତି ସାମ୍ବାଦିକ କିମ୍ବା ୱେବ୍ ଚ୍ୟାନେଲ୍‌ର ପ୍ରତିନିଧି/ସମ୍ପାଦକ/ମାଲିକ ପରିଚୟ ଦେଇ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅବାଧରେ ପ୍ରବେଶ କରୁଥିବା ଏବଂ ସାମ୍ବାଦିକତାର ନାମରେ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ନେଇ ପତ୍ରରେ ଦର୍ଶାଇଛନ୍ତି । ଅଭିଯୋଗ ଅନୁଯାୟୀ, କେତେକ ବ୍ୟକ୍ତି ନାମକୁ ଖବରକାଗଜ ସହ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କ ଖବର ପ୍ରକାଶ ପାଉନଥିବା ସତ୍ତ୍ୱେ ସାମ୍ବାଦିକ ପରିଚୟକୁ ବ୍ୟବହାର କରି ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ନିକଟତା ସୃଷ୍ଟି କରିବାର ପ୍ରୟାସ କରୁଛନ୍ତି। ଏପରିକି ନିଜସ୍ୱ ବୁମ୍ ଓ ମାଇକ୍ ବ୍ୟବହାର କରି ୱେବ୍ ରିପୋର୍ଟର ପରିଚୟ ଦେଇ ବିଭିନ୍ନ କାର୍ଯ୍ୟାଳୟ ବୁଲି ବିଜ୍ଞାପନ ଆଳରେ ଅର୍ଥ ଦାବି କରିବା ଏବଂ ଅର୍ଥ ନମିଳିଲେ ସୋସିଆଲ୍ ମିଡିଆରେ ମିଥ୍ୟା କିମ୍ବା ଅପମାନଜନକ ପ୍ରଚାର କରିବାର ଧମକ ଦେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ସେହିପରି, ରାସ୍ତାଘାଟରେ ଯାନବାହନ/ପରିବହନ ଯାଞ୍ଚ କରିବା, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରି ତ୍ରୁଟି ଖୋଜିବା ନାଁରେ ଅନୈତିକ ଭାବେ ଅର୍ଥ ଆଦାୟ କରିବାର ଉଦ୍ୟମ କରାଯାଉଥିବା ନେଇ ମଧ୍ୟ ବିଭିନ୍ନ ଅଭିଯୋଗ ସାମ୍ନାକୁ ଆସୁଛି। ଏହା ବ୍ୟତୀତ, କିଛି ଅପରାଧିକ ପୃଷ୍ଠଭୂମି ଥିବା କିମ୍ବା ବିଭିନ୍ନ ଥାନାରେ ମାମଲା ରହିଥିବା ବ୍ୟକ୍ତିମାନେ ମଧ୍ୟ ସାମ୍ବାଦିକ, ୱେବ୍ ଚ୍ୟାନେଲ୍ ରିପୋର୍ଟର କିମ୍ବା କ୍ୟାମେରା ମ୍ୟାନ୍ ପରିଚୟ ଦେଇ ସରକାରୀ ଓ ବେସରକାରୀ ପ୍ରେସ୍ ମିଟ୍‌ରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସାମ୍ବାଦିକ ନଥାଇ ନିଜ ଦୁଇ/ଚାରି ଚକିଆ ଯାନରେ ପ୍ରେସ୍ ଲେଖି କିଛି ବ୍ୟକ୍ତି ବେଆଇନ୍ କାର୍ଯ୍ୟର ଫାଇଦା ହାସଲ କରୁଛନ୍ତି । ଏପରି କାର୍ଯ୍ୟକଳାପ ଫଳରେ ଜିଲ୍ଲାର ପ୍ରକୃତ ଓ ମୁଖ୍ୟଧାରାର ସାମ୍ବାଦିକମାନଙ୍କର ସମ୍ମାନ କ୍ଷୁର୍ଣ୍ଣ ହେଉଥିବା ସହ ସାମ୍ବାଦିକତା ପେଶାର ବିଶ୍ୱସନୀୟତା ମଧ୍ୟ ପ୍ରଭାବିତ ହେଉଛି। ଏଣୁ, ଉପରୋକ୍ତ ବିଷୟରେ ଏକ ନିରପେକ୍ଷ ତଦନ୍ତ ସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ମାଧ୍ୟମରେ ପ୍ରକୃତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପରିଚୟ ଯାଞ୍ଚ କରାଯାଇ ଆବଶ୍ୟକ ଆଇନ୍‌ଗତ ଓ ପ୍ରଶାସନିକ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ଉପସ୍ଥିତ ସଦସ୍ୟ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଗଣମାଧ୍ୟମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବା ସହ ସାଧାରଣ ଲୋକଙ୍କ ବିଶ୍ୱାସ ମଧ୍ୟ ବଜାୟ ରହିବ।



# ଉମରକୋଟରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଗଣଶିକ୍ଷା ମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ନବରଙ୍ଗପୁର ଜିଲ୍ଲା ଉମରକଟ ଠାରେ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକଟ ଗସ୍ତରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ୱାର୍ଡ ନଂ ୧୧ ଭାଲୁଗୁଡା ଶ୍ରୀ ନାଗେଶ୍ୱର ମହାଦେବ ମନ୍ଦିର ପାଚେରୀ ପାଇଁ ତିନି ଲକ୍ଷ, ୱାର୍ଡ ନଂ ୮ ଜଗନ୍ନାଥ କମ୍ପ୍ଲେକ୍ସ ପଛପଟ ମାଁ ପେଣ୍ଡ୍ରାଣୀ ଖଲାସି ସଂଘ ପାଚେରୀ ନିମନ୍ତେ ତିନି ଲକ୍ଷ ଓ ୱାର୍ଡ ନଂ ୧୨ ଶିକ୍ଷକ କଲୋନୀ ଶିତଳା ମନ୍ଦିର କମ୍ୟୁନିଟି ହଲ୍ ପାଇଁ ପାଞ୍ଚ ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ଅନୁଦାନ କରିଛନ୍ତି। ଶ୍ରୀ ଗଣ୍ଡ ସଦା ସର୍ବଦା ନିଜ ଅଞ୍ଚଳର ବିକାଶପ୍ରତି ସବୁବେଳେ ସମ୍ବେଦନଶୀଳ ରହିଥାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଗଣ୍ଡଙ୍କ ସହ ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦଙ୍କ ପ୍ରତିନିଧି ଭୋଜନାଥ ଗଣ୍ଡ, ନଗର ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ଅମିତ ହାଲଦାର, ସନ୍ତୋଷ ସରକାର, ରମେଶ ଦାସ, ସନତ ଠାକୁର, ଦିଲୀପ ବିଶ୍ୱାସ, କୁରୁମା ରାଓ, ସୀମାଞ୍ଚଳ ବିଷୋୟୀ, ଶ୍ରୀନିବାସ ମୂର୍ତ୍ତୀ, ହରପ୍ରସାଦ ପାଣିଗ୍ରାହୀ, ଶଙ୍କର ଭାଇ, ଜଗନ୍ନାଥ ଭାଇ, ସାନ ଭାଇ, ଅଭିରାମ, ଦୁକାଲୁ ମେହର, ରାମ ଗଣ୍ଡ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଯାତ୍ରୀ ବିଶ୍ରାମାଗାରରେ ଅସହାୟ ବୃଦ୍ଧ:ପ୍ରଶାସନ ଚୁପ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସଦର ବ୍ଲକ ସରସରା ଛକରେ ଜାତୀୟ ରାଜପଥ ନଂ ୫୭ କଡରେ ଥିବା ଯାତ୍ରୀ ବିଶ୍ରାମାଗାର ମଧ୍ୟରେ ଜଣେ ଅସହାୟ ଓ ରୁଗ୍‌ଣ ବୃଦ୍ଧ ପଡିରହିଥିବା ଦେଖିବାକୁ ମିଳିଛି । ଉକ୍ତ ବୃଦ୍ଧ ଜଣକ ରଥଯାତ୍ରା ଦିନ ଠାରୁ ଗମ୍ଭାରୀ ପଦର ଗ୍ରାମ ଯାତ୍ରୀ ବିଶ୍ରାମାଗାରରେ ଅସୁରକ୍ଷିତ ପରିବେଶରେ ରହିଆସୁଥିଲେ । ଏନେଇ କିଛି ଦିନ ତଳେ ଜିଲ୍ଲା ପରିଷଦ ସଦସ୍ୟ ତଥା ପୂର୍ବତନ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ବୃଦ୍ଧଙ୍କୁ ଉଦ୍ଧାର କରି କୌଣସି ବୃଦ୍ଧାଶ୍ରମରେ ଆଶ୍ରୟ ଦେବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଅସହାୟ ଓ ମାନସିକ ଅସୁସ୍ଥ ଥିବା ବେସାହାରା ବୃଦ୍ଧ ଜଣକ ସରସରା ଯାତ୍ରୀ ବିଶ୍ରାମାଗାରରେ ଶୋଇଥିବା ଦେଖିବାକୁ ମିଳିଛି । ଜିଲ୍ଲାରେ ନିଯୁକ୍ତ ଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ କୌଣସି ଜନପ୍ରତିନିଧି କିମ୍ବା ସଚେତନଶୀଳ ନାଗରିକ ସହାୟତା ପାଇଁ ସୂଚନା ଦେବାକୁ ତାଙ୍କ ମୋବାଇଲ୍‌କୁ କଲ୍ କଲେ ମଧ୍ୟ ଉଠାଉନଥିବା ଅଭିଯୋଗ ହେଉଛି । ବୌଦ୍ଧ ଜିଲ୍ଲାରେ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବା ପାଇଁ ଦୂରଦୂରାନ୍ତରୁ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନେ ପ୍ରତିଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଜିଲ୍ଲାପାଳଙ୍କ ସାପ୍ତାହିକ ଜନଶୁଣାଣି ଶିବିରକୁ ଆସୁଥିବାବେଳେ ଉକ୍ତ ଯୋଜନା କାର୍ଯ୍ୟକାରୀ ପାଇଁ ଥିବା ଅଧିକାରୀ ଓ କର୍ମଚାରୀ କଣ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଜିଲ୍ଲାପାଳ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସାମାଜିକ ସୁରକ୍ଷା ଯୋଜନା କର୍ମଚାରୀଙ୍କୁ ସକ୍ରିୟ କରିବାକୁ ଜନସାଧାରଣରେ ଦାବି ହେଉଛି ।

# ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ତିନି ବର୍ଷ ପାଇଁ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର (ଡିସିସି) ଅଣ-ସରକାରୀ ସଦସ୍ୟ ମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟା ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇ ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହା କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଅତ୍ୟନ୍ତ ସମ୍ମାନଜନକ ପଦବୀ ଭାବେ ବିବେଚିତ। ଜିଲ୍ଲା ସଂସ୍କୃତି ପରିଷଦ ନିୟମ, ୧୯୯୪ର ପ୍ରାବଧାନ ଅନୁଯାୟୀ, ଜାତୀୟ ଅଥବା ରାଜ୍ୟ ପୁରସ୍କାର ଲାଭ କରିଥିବା ବ୍ୟକ୍ତିମାନେ ଏହି ପଦ ପାଇଁ ଆବେଦନ କରିପାରିବେ। ଏହାବ୍ୟତୀତ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା, ଦୃଶ୍ୟକଳା, ସଂସ୍କୃତି, ଐତିହ୍ୟ, ହସ୍ତଶିଳ୍ପ, ହସ୍ତତନ୍ତ, ଶିକ୍ଷା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିମାନେ ମଧ୍ୟ ନିଜର ଆବେଦନ ଦାଖଲ କରିପାରିବେ। ଆଗ୍ରହୀ ବ୍ୟକ୍ତିମାନେ ନିଜର ସଫଳତା, ପୁରସ୍କାର ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ପ୍ରମାଣପତ୍ରର ସ୍ୱ-ପ୍ରମାଣିତ ନକଲ ସହିତ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ଆବେଦନପତ୍ର ଆସନ୍ତା ଅଗଷ୍ଟ ୨୫ ତାରିଖ ସୁଦ୍ଧା ପଞ୍ଜୀକୃତ ଡାକ, ସ୍ପିଡ୍ ପୋଷ୍ଟ କିମ୍ବା ବ୍ୟକ୍ତିଗତ ଭାବେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଆବେଦନ ଫର୍ମ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ଜିଲ୍ଲାର ସରକାରୀ ୱେବ୍‌ସାଇଟ୍‌ରୁ ସଂଗ୍ରହ କରାଯାଇପାରିବ। ଅନ୍ୟପକ୍ଷରେ, ତୃଣମୂଳ ସ୍ତରରୁ ଯେପରି କୌଣସି ପ୍ରକୃତ ପ୍ରତିଭା ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସମସ୍ତ ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ, ଡିଆଇପିଆର୍‌ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ନିଜ ଅଞ୍ଚଳରେ ଥିବା ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ସୁପାରିଶ କରିବାକୁ ସମସ୍ତ ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।

# ଜଗତସିଂହପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ ସମୀକ୍ଷା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଉପର ମୁଣ୍ଡରେ ଲଗାଣ ବର୍ଷା ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ସହ ଗେଟ୍ ଖୋଲିବା ଯୋଗୁ ତଳ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ରାତି ସୁଦ୍ଧା ନରାଜ ଠାରେ ୯ ଲକ୍ଷରୁ ୧୦ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ ଏବଂ ଏହା ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ପ୍ରବାହିତ ହେବାଦ୍ୱାରା ଜଗତସିଂହପୁର ଜିଲ୍ଲାରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ସମ୍ଭାବି ବନ୍ୟା ଜନିତ ସ୍ଥିତି ନିମନ୍ତେ ଜିଲ୍ଲାପାଳ ଜେ. ସୋନାଲ, ଶୁକ୍ରବାର ପୂର୍ବାହ୍ନରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ସମେତ ସମସ୍ତ ବରିଷ୍ଠ ପ୍ରାଶାସନିକ ବିଭାଗୀୟ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହ ସଦ୍‌ଭାବନା ସଭାଗୃହ ଠାରେ ସମୀକ୍ଷା କରିଥିଲେ ଓ କ୍ଷତ୍ରିୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଜିଲ୍ଲାର ତିର୍ତ୍ତୋଲ, ବିରିଡି, କୁଜଙ୍ଗ ବ୍ଲକରେ ବନ୍ୟା ପରିସ୍ଥିତି ଯୋଗୁ ଲୋକମାନେ ପ୍ରଭାବିତ ହୋଇଛନ୍ତି। ସମୀକ୍ଷା କରି ଜିଲ୍ଲାପାଳ କହିଲେ ଯେ, ପ୍ରତ୍ୟେକଟି ଜୀବନ ମୂଲ୍ୟବାନ। ତେଣୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯିବା ଆବଶ୍ୟକ ଓ ଏଥିସହିତ ସମସ୍ତ ଆଶ୍ରୟସ୍ଥଳୀରେ ଆବଶ୍ୟକୀୟ ସୁବିଧା ଯେପରି ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ବୟସ୍କ, ମହିଳା, କିଶୋରୀ, ଶିଶୁ ସମସ୍ତଙ୍କ ଭିନ୍ନ ଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯଥା ସମ୍ଭବ ଔଷଧ, ପାନୀୟ ଜଳ, ସାପ କାମୁଡା ଔଷଧ, ଅତ୍ୟାବଶ୍ୟକ ସୁବିଧା ଯୋଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଗର୍ଭବତୀ ମହିଳା, ବିଶେଷ କରି ଯେଉଁମାନେ ସମ୍ବେଦନଶୀଳ ସ୍ଥିତିରେ ଅଛନ୍ତି ତାଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସିଏଚ୍‌ସି, ପିଏଚ୍‌ସି, ଡିଏଚ୍‌ଏଚ୍ ବା ମା'ଗୃହକୁ ସ୍ଥାନାନ୍ତରିତ କରିବା ପାଇଁ କହିଥିଲେ। ସେହିପରି ଗୃହପାଳିତ ପଶୁମାନଙ୍କୁ ନିକଟସ୍ଥ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରି ସେମାନଙ୍କ ପାଇଁ ଗୋଖାଦ୍ୟର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଲା ପ୍ରାଣୀମାନଙ୍କୁ ମଧ୍ୟ ଉଚ୍ଚ ଯାଗାରେ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସ୍ଥାନାନ୍ତରଣ ସମୟରେ ହୁଏତ ଲୋକମାନେ ନିଜ ଘର ଦ୍ୱାର ମୂଲ୍ୟବାନ ସାମଗ୍ରୀ ଛାଡ଼ି ଯିବା ପାଇଁ ଅରାଜି ହୋଇପାରନ୍ତି, କିନ୍ତୁ ସେମାନଙ୍କୁ ବୁଝାଇ ଶୁଝାଇ ଓ ଆବଶ୍ୟକ ସ୍ଥଳେ ବାଧ କରି ବ୍ଲକ୍ ଓ ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ଜନପ୍ରତିନିଧି ମାନଙ୍କର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ। କୌଣସି ଅଭାବନୀୟ ଜରୁରୀ ପରିସ୍ଥିତି ଆସିଲେ ତୁରନ୍ତ ନିକଟସ୍ଥ control roomଙ୍କ ଜଣାଇବା ପାଇଁ ସେ କହିଥିଲେ।



# ଶିକ୍ଷାଦାନର ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କହ୍ନେଇପୁର କ୍ଲଷ୍ଟର ଅଧୀନସ୍ଥ ମାଣିକ୍ୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି ନିପୁଣ ଭାରତ ମିଶନ୍ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଦଳ । ନିପୁଣ ସେଲ୍‌ର ପ୍ରତିନିଧି ଇସ୍ମିତ୍ ସିଂ, ପାର୍ଥଜିତ୍ ଦାସ, ଅମରଜିତ୍ ଜେନା ଓ ଚାନ୍ଦିନୀ କାର୍ଲା ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାଦାନର ସ୍ଥିତି ପ୍ରଗତି ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ କାଳରେ ପ୍ରତିନିଧି ଦଳ ବିଦ୍ୟାଳୟର ଏଫ୍.ଏଲ୍.ଏନ୍. ଶ୍ରେଣୀଗୃହ, ଶିକ୍ଷଣ ସୋପାନ ରେଜିଷ୍ଟ୍ରାର ଯାଞ୍ଚ, ସାକ୍ଷରତା ମିଟର, ଗ୍ୟାଲେରୀ ପରିଭ୍ରମଣ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ ଆଦି ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ । ବିଦ୍ୟାଳୟର ଶିକ୍ଷଣ ପରିବେଶ ଓ ଛାତ୍ରଛାତ୍ରୀଙ୍କ କୃତିତ୍ୱ ଦେଖି ଉପସ୍ଥିତ ପ୍ରତିନିଧି ଦଳର କର୍ମକର୍ତ୍ତାମାନେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିବା ସହିତ ଅନୁଷ୍ଠାନରେ ସମ୍ପନ୍ନ କାର୍ଯ୍ୟସବୁକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଶିକ୍ଷାବିତ୍ ସତ୍ୟନାରାୟଣ ଦାସ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିପନ ପଣ୍ଡା, ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରା ଉପସ୍ଥିତ ରହି ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନେଇ ଆଲୋଚନା କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଦାସ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏପରି ଗଠନ ମୂଳକ କାର୍ଯ୍ୟକ୍ରମ ଶିକ୍ଷକ ସମାଜକୁ ଆହୁରି ଆଗକୁ ନେବା ପାଇଁ ଅପୂର୍ବ ପ୍ରେରଣା ପ୍ରୋତ୍ସାହନ ଯୋଗାଇଛି । ବିଦ୍ୟାଳୟ ପରିଦର୍ଶନ ସମୟରେ ସହକାରୀ ଶିକ୍ଷକ ବିପ୍ର ଶବର, ଶଙ୍କର ବିଶ୍ୱାଳ, ଦିଲ୍ଲୀପ କୁମାର ବିଶ୍ୱାଳ, ହର ପ୍ରସାଦ ବେହେରା, ପ୍ରଦୀପ କୁମାର ବିଷୋୟୀ, ସହକାରୀ ଶିକ୍ଷୟିତ୍ରୀ ଉଷାରାଣୀ ଶତପଥୀ, ନମିତା ପରିଡ଼ା, ଶୁଭଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଧର୍ମ ପରିବର୍ତ୍ତନକୁ ନେଇ ଶବ ସତ୍କାର ବିବାଦ:୨୨ ଘଣ୍ଟା ପରେ ଶେଷକୃତ୍ୟ ସମ୍ପନ୍ନ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେବଗାଁ ପଞ୍ଚାୟତର ଡୁମୁରିମୁଣ୍ଡା ଗ୍ରାମରେ ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଶବ ସତ୍କାରକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟକୁ କିଛି ଗ୍ରାମବାସୀ ବିରୋଧ କରିବାରୁ ପ୍ରାୟ ୨୨ ଘଣ୍ଟା ଧରି ଶବ ପଡ଼ି ରହିଥିଲା। ପରେ ଗ୍ରାମ କମିଟି, ପରିବାର ଓ ଗ୍ରାମବାସୀଙ୍କ ଆଲୋଚନା ପରେ ପରିବାର ପକ୍ଷରୁ ମୂଳ ଧର୍ମକୁ ଫେରିବାକୁ ସମ୍ମତି ପ୍ରକାଶ କରାଯାଇଥିଲା। ଏହାପରେ ସକାଳ ପ୍ରାୟ ୧୦ଟାରେ ଗାଁ ଶ୍ମଶାନରେ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ସାମାଜିକ ସଦ୍‌ଭାବ ଓ ପରସ୍ପର ବୁଝାମଣା ବଜାୟ ରଖିବାକୁ ସ୍ଥାନୀୟ ଲୋକମାନେ ଆହ୍ୱାନ କରିଛନ୍ତି।

## କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧିନ

# ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ:ଜିଲ୍ଲାପାଳ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଶୁକ୍ରବାର ମିନି କନ୍‌ଫରେନ୍ସ ହଲ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବର୍ତ୍ତମାନର ସ୍ଥିତି, ରିଲିଫ୍ କାର୍ଯ୍ୟ ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀ ସିଂହ ସୂଚନା ଦେଇଛନ୍ତି ଯେ ଚମ୍ପୁଆ, ସ୍ୱାମପାଟଣା ଏବଂ ଆନନ୍ଦପୁର ଠାରେ ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଆନନ୍ଦପୁର ଠାରେ ଜଳସ୍ତର ୩୫.୩୫ ମିଟର ରହିଥିଲା, ଯାହା ବିପଦ ସଙ୍କେତ (୩୮.୩୬ ମିଟର) ଠାରୁ ଯଥେଷ୍ଟ ତଳେ ରହିଛି। ସେହିପରି ଚମ୍ପୁଆ ଏବଂ ସ୍ୱାମପାଟଣା ଠାରେ ମଧ୍ୟ ନଦୀର ଜଳସ୍ତର ନିଜ ନିଜର ବିପଦ ସଙ୍କେତ ଠାରୁ ତଳେ ରହିଛି ଏବଂ କ୍ରମାଗତ ଭାବେ ହ୍ରାସ ପାଉଛି। କାନପୁର ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି ଯେ, ବର୍ତ୍ତମାନ କଫର ଡ୍ୟାମ୍ ଉପରେ ପାଣି ପ୍ରବାହିତ ହେଉଛି ଏବଂ ସର୍ବାଧିକ ସୁରକ୍ଷିତ ସ୍ତର ୪୪୦.୦୦ ମିଟର ତୁଳନାରେ ଜଳଭଣ୍ଡାରର ଜଳସ୍ତର ୪୩୦.୪୦ ମିଟର ରେକର୍ଡ କରାଯାଇଛି। ଏହି ପ୍ରକଳ୍ପକୁ ପ୍ରତି ସେକେଣ୍ଡରେ ୪୦.୧୬୨ କ୍ୟୁମେକ (ଘନ ମିଟର) ଜଳ ପ୍ରବେଶ କରୁଥିବାବେଳେ ୫୮୭.୯୮ କ୍ୟୁମେକ ଜଳ ନିଷ୍କାସିତ ହେଉଛି। ସେ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନର ଜଳ ନିଷ୍କାସନ ଯୋଗୁ କୌଣସି ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ନାହିଁ ଏବଂ ପ୍ରଶାସନ ପକ୍ଷରୁ ନିମ୍ନମୁଖୀ ବ୍ଲକ ଯଥା ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ସଦର ଏବଂ ପାଟଣାର ସ୍ଥିତି ଉପରେ କ୍ରମାଗତ ଭାବେ ନଜର ରଖାଯାଇଛି। ଜିଲ୍ଲାପାଳ ଦର୍ଶାଇଛନ୍ତି ଯେ ବିଗତ କିଛି ଦିନର ପ୍ରବଳ ବର୍ଷା ଯୋଗୁ ୧୩ଟି ବ୍ଲକର ୯୪ଟି ଗ୍ରାମ ପଞ୍ଚାୟତ ଏବଂ ୭୨୭ଟି ଗ୍ରାମ ପ୍ରଭାବିତ ହୋଇଛି। ମୋଟ୍ ୪୮ଟି ଗ୍ରାମ ଜଳବନ୍ଦୀ ହୋଇ ରହିଥିଲା, କିନ୍ତୁ ବର୍ତ୍ତମାନ କୌଣସି ଗ୍ରାମ ଜଳବନ୍ଦୀ ହୋଇ ରହିନାହିଁ। ଫସଲ କ୍ଷତିର ଆକଳନ ଅନୁଯାୟୀ ୧୮୭ ହେକ୍ଟର ଧାନ ଜମି ଏବଂ ୭୦ ହେକ୍ଟର ଅଣଧାନ ଚାଷ ଜମି ନଷ୍ଟ ହୋଇଛି। ଜିଲ୍ଲାରେ ୫୨୩ଟି ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି, ଯେଉଁଥିରେ ୫୨୦ଟି ଆଂଶିକ କ୍ଷତିଗ୍ରସ୍ତ ଏବଂ ୩ଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଘର ସାମିଲ୍ ଅଛି, ଏହା ବ୍ୟତୀତ ୩୮ଟି ଗୁହାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଜନିତ ବିଭିନ୍ନ ଦୁର୍ଘଟଣାରେ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଜଣେ କାନ୍ଥ ଭୁଶୁଡ଼ିବା ଯୋଗୁ, ଦୁଇ ଜଣ ପାଣିରେ ବୁଡ଼ିଯିବା ଯୋଗୁ ଏବଂ ଜଣେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି । ଏହା ସହିତ ୧୪ଟି ଗୋରୁଗାଈଙ୍କ ମୃତ୍ୟୁ ଘଟିଥିବା ମଧ୍ୟ ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ୧୮ଟି



ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇଥିଲା । ଯେଉଁଥିରୁ ବର୍ତ୍ତମାନ ୨ଟି କାର୍ଯ୍ୟକ୍ଷମ ରହିଛି। ଏପର୍ଯ୍ୟନ୍ତ ମୋଟ୍ ୬,୯୧୮ ଜଣ ହିତାଧିକାରୀଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୬୦ ଜଣଙ୍କୁ ଖାଦ୍ୟ ପରଷା ଯାଇଛି। ପ୍ରଶାସନ ପକ୍ଷରୁ ୧,୮୧୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୯୨ ଜଣ ଗର୍ଭବତୀ ମହିଳାଙ୍କୁ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି। ଏହାବ୍ୟତୀତ ୧ଟି ଆଶ୍ରୟସ୍ଥଳୀ, ୧୦ଟି ଗୋପାଳନ ଶିବିର (କ୍ୟାଟଲ କ୍ୟାମ୍ପ), ୧୦ଟି ମେଡିକାଲ୍ ଟିମ୍, ୨୬ଟି ମୋବାଇଲ୍ ମେଡିକାଲ୍ ୟୁନିଟ୍ ଏବଂ ୧୦ଟି ପ୍ରାଣୀଧନ ଚିକିତ୍ସା ଟିମ୍ ନିୟୋଜିତ କରାଯିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ୫୬୯ଟି ପଲିଥିନ୍ ସିଟ୍ ବଣ୍ଟନ କରାଯାଇଛି। ଜନସାଧାରଣଙ୍କୁ ସତର୍କ ଓ ସଜାଗ ରହିବାକୁ ନିବେଦନ କରି ନାଗରିକମାନେ କେବଳ ଭାରତୀୟ ପାଣିପାଗ ବିଭାଗ (IMD) ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ଜାରି କରାଯାଉଥିବା ସଠିକ୍ ସୂଚନା ଉପରେ ଭରସା କରିବାସହ କୌଣସି ଗୁଜବ କିମ୍ବା ସୋସିଆଲ୍ ମିଡିଆର ଅସତ୍ୟ ବାର୍ତ୍ତା ଉପରେ ବିଶ୍ୱାସ ନକରନ୍ତୁ କିମ୍ବା ତାହାକୁ ସେୟାର ନକରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ଯେ, ବଢ଼ି ପାଣି ଥିବା ନଦୀ, ନାଳ, ଡ୍ୟାମ୍ କିମ୍ବା ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବାକୁ ଏବଂ ବନ୍ୟା ପାଣି ପାଖରେ ସେଲ୍‌ଫି ନେବା କିମ୍ବା କୌଣସି ବିପଜ୍ଜନକ କାର୍ଯ୍ୟ ନକରିବା ପାଇଁ ପରାମର୍ଶ ଦେଇଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପ୍ରଶାସନକୁ ସୂଚନା ଦେବାକୁ ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି କଲେକ୍ଟର (ଜରୁରୀ କାଳୀନ) ଅଭିଲାଷ ପୁରୋହିତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

# ଶ୍ରୀଲଙ୍କା ସିରିଜ୍ ପୂର୍ବରୁ ଏମ୍ଏସ୍ ଧୋନିଙ୍କୁ ଭେଟିଲେ ଋଷଭ ପନ୍ତ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଖୁବ୍‌ଶୀଘ୍ର ଶ୍ରୀଲଙ୍କା ଗସ୍ତ କରିବାକୁ ଯାଉଛି, ଅଗଷ୍ଟ ୧୫ରୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବ। ୱିକେଟ କିପର-ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ଯିଏ ବର୍ତ୍ତମାନ ଓଡିଆଇ ଏବଂ ଟି୨୦ ଦଳରୁ ବାହାରେ ଅଛନ୍ତି, ସେ ଏହି ସିରିଜରେ ପୁନରାଗମନ କରିବେ। ଶ୍ରୀଲଙ୍କା ଟେଷ୍ଟ ସିରିଜ ପୂର୍ବରୁ, ପନ୍ତଙ୍କୁ ଏମଏସ ଧୋନିଙ୍କ ସହ ପ୍ରଶିକ୍ଷଣ ନେଉଥିବାର ଦେଖାଯାଇଥିଲା।

ପୂର୍ବତନ ଭାରତୀୟ କ୍ରିକେଟର ଶାହବାଜ ନଦୀମ ଇନଷ୍ଟାଗ୍ରାମରେ ଏମଏସ ଧୋନି ଏବଂ ରିଷଭ ପନ୍ତଙ୍କ ସହିତ ଏକ ଫଟୋ ଶେୟାର କରିଛନ୍ତି। ଏହି ଫଟୋଟି ରାଞ୍ଚିର ଏକ ଜିମ୍‌ରେ ଉଠାଯାଇଥିଲା। ଧୋନି ନୀଳ ଟ୍ରାକ୍‌ସୁଟ୍‌ରେ ଦେଖାଯାଇଥିଲେ, ଯେତେବେଳେ ପନ୍ତ ଏକ ନୂତନ କଳା ଟି-ସାର୍ଟ ଏବଂ ସର୍ଟସ ପିନ୍ଧିଥିଲେ। ଫଟୋଟି ଶେୟାର କରି ନଦୀମ ଏହାକୁ କ୍ୟାପସନ ଦେଇଛନ୍ତି: 'ଭାରତୀୟ କ୍ରିକେଟର ଦୁଇ ଶ୍ରେଷ୍ଠ ଫିନିଶର୍ସ।'

ମନେରଖିବା ଯୋଗ୍ୟ ଯେ ରିଷଭ ପନ୍ତ ଶେଷ ଥର ପାଇଁ ଆଫଗାନିସ୍ତାନ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ, ଯେଉଁଠାରେ ସେ ଏକ ଇନିଂସରେ ୮୧ ରନ କରିଥିଲେ। ଉଲ୍ଲେଖନୀୟ ଯେ, ପନ୍ତ ୨୦୨୬ରେ କେବଳ ଗୋଟିଏ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି; ସେ ୨୦୨୪ ମସିହାରୁ ଟେଷ୍ଟ ଏବଂ ଟି୨୦ ଦଳରୁ ବାହାରେ ଅଛନ୍ତି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଋଷଭ ପନ୍ତ ଏବଂ ଧ୍ରୁବ ଜୁରେଲଙ୍କୁ ୱିକେଟକିପର ଭାବରେ ଦଳରେ ସାମିଲ କରାଯାଇଛି। ପନ୍ତ ଏବଂ ଜୁରେଲ ଉଭୟଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିବ କି ନାହିଁ ତାହା ଦେଖିବାକୁ ବାକି ଅଛି।

ରିଷଭ ପନ୍ତଙ୍କ ବିଷୟରେ କହିବାକୁ ଗଲେ, ଆଇପିଏଲ ୨୦୨୬ ସିଜିନ ତାଙ୍କ ପାଇଁ ସଫଳ ହୋଇନଥିଲା; ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସଜି) ପାଇଁ ଖେଳି ସେ ୧୪ ମ୍ୟାଚ୍‌ରେ ୩୧୨ ରନ କରିପାରିଥିଲେ। ତାଙ୍କ ଅଧିନାୟକତ୍ୱରେ, ଏଲଏସଜି ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନଥିଲେ। ଏହି ନିରାଶାଜନକ ସିଜିନ ପରେ, ସେ ପ୍ରଥମେ ଏଲଏସଜି ଅଧିନାୟକ ପଦ ଛାଡ଼ିଥିଲେ ଏବଂ ତା'ପରେ ଏକ ବାଣିଜ୍ୟ ଚୁକ୍ତିର ଅଂଶ ସ୍ୱରୂପ ୧୫ କୋଟିରେ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଥିଲେ। କୁଲଦୀପ ଯାଦବ ତାଙ୍କ ସ୍ଥାନରେ ଲକ୍ଷ୍ନୌ ଦଳକୁ ଯାଇଛନ୍ତି।

# ଭାରତୀୟ ବକ୍ସର ପ୍ରୀତି ପାୱାର ଏବଂ ଜାସ୍ମିନ ଜିତିଲେ ସ୍ୱର୍ଣ୍ଣ ପଦକ

**ଗ୍ଲାସଗୋ (ସ୍କଟଲାଣ୍ଡ)**



ଶନିବାର ଦିନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଭାରତୀୟ ବକ୍ସର ପ୍ରୀତି ପାୱାର ଏବଂ ଜାସ୍ମିନ୍ ଲାମ୍ବୋରିଆ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ମହିଳା ୫୪ କିଲୋଗ୍ରାମ ବର୍ଗର ଫାଇନାଲରେ ପ୍ରୀତି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜସ୍ମିନ୍ ୫୭ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ମହିଳା ୫୪ କିଲୋଗ୍ରାମ ବର୍ଗର ଫାଇନାଲରେ ପ୍ରୀତି କାନାଡ଼ାର ସ୍କାରଲେଟ୍ ଡେଲଗାଡୋଙ୍କୁ ଏକପାଖିଆ ୫-୦ରେ ପରାସ୍ତ କରିଥିଲେ। ପ୍ରୀତି ସର୍ବସମ୍ମତିକ୍ରମେ ପ୍ରଥମ ରାଉଣ୍ଡ ଜିତି ଶେଷ ମୁକାବିଲାରେ ଏକ ଦୃଢ଼ ଆରମ୍ଭ କରିଥିଲେ। ସମସ୍ତ ପାଞ୍ଚ ଜଣ ବିଚାରକ ଭାରତୀୟ ବକ୍ସରଙ୍କୁ ୧୦-୮ ନିଷ୍ପତ୍ତି ଦେଇଥିଲେ। ବାଣ୍ଟାମୱେଟ୍ ବର୍ଗରେ ବିଶ୍ୱରେ ତୃତୀୟ ସ୍ଥାନରେ ଥିବା ପ୍ରୀତି ଦ୍ୱିତୀୟ ରାଉଣ୍ଡରେ ତାଙ୍କର ପ୍ରାଧାନ୍ୟ ବଜାୟ ରଖି ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ।

ପରବର୍ତ୍ତୀ ବିଶ୍ୱ ଚାମ୍ପିଅନ ଜାସ୍ମିନ, ୫୭ କିଲୋଗ୍ରାମ ବର୍ଗରେ ଉତ୍ତର ଆୟର୍ଲାଣ୍ଡର ଡିଫେଣ୍ଡିଂ ଚାମ୍ପିଅନ ମାଇକେଲା ୱାଲ୍ସଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଜାସ୍ମିନ ଏବଂ ୱାଲ୍ସଙ୍କ ମଧ୍ୟରେ ପ୍ରଥମ ରାଉଣ୍ଡ ଅତ୍ୟନ୍ତ ରୋମାଞ୍ଚକର ଏବଂ ତୀବ୍ର ଥିଲା। ଉଭୟ ବକ୍ସର ପରସ୍ପରକୁ କଡ଼ା ମୁକାବିଲା କରିଥିଲେ। ଜାସ୍ମିନ ଏକ ବିଭାଜିତ ନିଷ୍ପତ୍ତି ଦ୍ୱାରା ରାଉଣ୍ଡ ଜିତିଥିଲେ। ତଥାପି, ସେ ଦ୍ୱିତୀୟ ରାଉଣ୍ଡରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନେକ ଶକ୍ତିଶାଳୀ ପଞ୍ଚ ମାରିଥିଲେ ଏବଂ ସର୍ବସମ୍ମତି ନିଷ୍ପତ୍ତି ଦ୍ୱାରା ଜିତିଥିଲେ।

ପ୍ରବୀଣ ଚିତ୍ରାଭେଲଙ୍କୁ ଟ୍ରିପଲ୍ ଜମ୍ପରେ ରୌପ୍ୟ ପଦକ : ଭାରତୀୟ ଟ୍ରିପଲ୍ ଜମ୍ପର୍ ପ୍ରବୀଣ ଚିତ୍ରାଭେଲ ଏବଂ ସେଲଭା ପ୍ରଭୁ ଥିରୁମରନ୍ ଶନିବାର ଗ୍ଲାସ୍‌ଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଯଥାକ୍ରମେ ରୌପ୍ୟ ଏବଂ କାଂସ୍ୟ ପଦକ ଜିତିଛନ୍ତି। ଏସୀୟ କ୍ରୀଡ଼ା କାଂସ୍ୟ ପଦକ ବିଜେତା ପ୍ରବୀଣ ଚିତ୍ରାଭେଲ ଏଥର ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣି ୧୬.୫୮ ମିଟର ଡେଇଁ ରୌପ୍ୟ ପଦକ ଜିତିଥିଲେ। ସେଲଭା ପ୍ରଭୁ ଥିରୁମରନ୍ ୧୬.୫୨ ମିଟର ଡେଇଁ କାଂସ୍ୟ ପଦକ ଜିତିଥିଲେ। ଏହା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ତାଙ୍କର ପ୍ରଥମ ପ୍ରମୁଖ ପଦକ। ଜାମାଇକାର ଜୋର୍ଡାନ ସ୍କଟ୍ ୧୬.୭୨ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।



# ଜୁଡୋରୁ ଐତିହାସିକ ଯୁଗଳ ସ୍ୱର୍ଣ୍ଣ : ନୀରଜଙ୍କୁ ରୌପ୍ୟ, ଯଶବୀରଙ୍କୁ କାଂସ୍ୟ

**ଗ୍ଲାସଗୋ**



ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ଜୁଡୋକା ଅସ୍ମିତା ଦେ ଓ ହର୍ଷ ସିଂହ। ଉଭୟ ଜୁଡୋକା ଲଢୁଆ ପ୍ରଦର୍ଶନ କରି ଭାରତ ପାଇଁ ଯୁଗଳ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ଜୁଡ଼ୋରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ ଅସ୍ମିତା ଦେ। ମହିଳା ୪୮ କିଲୋଗ୍ରାମ ଫାଇନାଲ୍‌ରେ ତ୍ରିପୁରାର ଏହି ୨୩ ବର୍ଷୀୟା ଜୁଡୋକା କାନାଡାର ହେଇଦି କ୍ୱାଚ୍‌ଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆରମ୍ଭରୁ ସେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଠିନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। ଏହାର କିଛି ମିନିଟ୍ ପରେ ପୁରୁଷ ୬୦ କେଜିରେ ହର୍ଷ ସିଂହ ଅଷ୍ଟ୍ରେଲିଆର ଜୋସୁଆ କାଜ୍‌ଙ୍କୁ ଏକତରଫା ଭାବେ ପରାସ୍ତ କରିଥିଲେ। ଏହି ସ୍ୱର୍ଣ୍ଣ ଯୁଗଳକୁ ଐତିହାସିକ କୁହାଯାଉଛି କାରଣ ଭାରତ ପୂର୍ବରୁ କେବେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ନଥିଲା।

ଯାମିନୀଙ୍କୁ ରୌପ୍ୟ : ଜୁଡ଼ୋରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକରୁ ଭାରତ ବଞ୍ଚିତ ହୋଇଛି। ୫୭ କିଲୋଗ୍ରାମ ମହିଳା ଫାଇନାଲ୍‌ରେ ଯାମିନୀ ମୌର୍ଯ୍ୟ ଇଂଲଣ୍ଡର ଆସେଲ୍ୟା ଟୋପରାକଙ୍କ ଠାରୁ ହାରିଯାଇଥିଲେ। ଯାମିନୀଙ୍କ ରୌପ୍ୟ ସହ ଭାରତ ୨୦ତମ ପଦକ ଜିତିଥିଲା।

ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଜାଭଲିନ୍ ଥ୍ରୋ ଇଭେଣ୍ଟ୍‌ରୁ ଭାରତକୁ ୨ ପଦକ ମିଳିଛି। ଡବଲ୍ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଥିବାବେଳେ ଯଶବୀର ସିଂହ କାଂସ୍ୟ ପଦକ ହାସଲ କରିଛନ୍ତି। ଫଳରେ ନୀରଜଙ୍କ ସ୍ୱର୍ଣ୍ଣ ବିଜୟ ଅବସୋସ ଭାରତର ଯୁଗଳ ପଦକରେ ଭରଣା ହୋଇଛି। ଯଶବୀର ସିଂହ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ସହିତ ନିଜ ଜୀବନର ବଡ଼ ସଫଳତା ପାଇଛନ୍ତି। ନୀରଜ ନିଜ ଦ୍ୱିତୀୟ ପ୍ରୟାସରେ ଫିଙ୍ଗିଥିବା ୮୫.୮୩ ମିଟର ଏବଂ ଯଶବୀରଙ୍କ ୮୫.୪୧ ମିଟର ସେମାନଙ୍କୁ ଏହି ସଫଳତା ଦେଇଥିଲା। ଶ୍ରୀଲଙ୍କାର ଯୁବ ଖେଳାଳି ରୁମେଶ ଥରଙ୍ଗା ପଥରାଗେ (୮୯.୭୫ ମିଟର) ସ୍ୱର୍ଣ୍ଣ ପଦକ ଜିତି ଶ୍ରୀଲଙ୍କାକୁ ଅପୂର୍ବ ସଫଳତା ଆଣି ଦେଇଥିଲେ।

# 'ମୋ ଅଜ୍ଞାତରେ ଜର୍ସି ରଙ୍ଗ ପରିବର୍ତ୍ତନ ହୋଇଛି' : ହକି ଇଣ୍ଡିଆ ସଭାପତି

**ନୂଆଦିଲ୍ଲୀ**



ଭାରତୀୟ ହକି ଦଳ ଜର୍ସିର ରଙ୍ଗ ନୀଳ ପରିବର୍ତ୍ତେ ନାରଙ୍ଗୀ ହେବାକୁ ନେଇ ବିବାଦ ତୀବ୍ର ରୂପ ନେଇଛି। ବିଶେଷ କରି ଏହି ବିବାଦରେ ଘାଣ୍ଟି ହୋଇଛନ୍ତି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ। ଚାପର ବଶବର୍ତ୍ତୀ ହୋଇ ଶେଷରେ ସେ ନିଜ ମତ ବଦଳାଇଛନ୍ତି। 'ପରିଚାଳନା କମିଟି ବୋର୍ଡର ବିନା ଅନୁମତି ଏବଂ ମୋର ସଂପୂର୍ଣ୍ଣ ଅଜ୍ଞାତରେ ଜର୍ସିର ରଙ୍ଗ ପରିବର୍ତ୍ତନ କରିବାର ନିଷ୍ପତ୍ତି ନିଆଯାଇଛି ବୋଲି ଦିଲ୍ଲୀପ କହିଛନ୍ତି।' ଭାରତୀୟ ପୁରୁଷ ଓ ମହିଳା ବିଶ୍ୱକପ୍ ହକି ଦଳର ଜର୍ସିର ରଙ୍ଗ ବ୍ଲ୍ୟୁ ବା ନୀଳ ପରିବର୍ତ୍ତେ ନାରଙ୍ଗୀ ହେବା ବିଷୟକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏହାକୁ ନେଇ ସମାଲୋଚନା କରିଥିଲେ। ସେମିତି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଧନରାଜ ପିଲେ ଓ ପର୍ଗତ ସିଂହ ମଧ୍ୟ ରଙ୍ଗ ପରିବର୍ତ୍ତନକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଦିଲ୍ଲୀପ କହିଥିଲେ, 'ବ୍ଲ୍ୟୁ ଟର୍ଫରେ ମ୍ୟାଚ୍ ଖେଳାଯିବ। ତେଣୁ ଜର୍ସି ଅଧିକ ଦୃଶ୍ୟମାନ ହେବା ପାଇଁ ରଙ୍ଗ ବଦଳାଇ ଦିଆଯାଇଛି। ପୂର୍ବରୁ ମଧ୍ୟ ଜର୍ସିର ରଙ୍ଗ ବଦଳା ଯାଇଥିଲା। ଏହା କୌଣସି ଚାପରେ କରାଯାଇ ନାହିଁ ବରଂ ଖେଳାଳି ଏବଂ ଟିମ୍ ଅଧିକାରୀମାନଙ୍କର ମତାମତ ନେଇ କରାଯାଇଛି।' କିନ୍ତୁ ଏହି ବିବାଦ ଅଧିକ ତୀବ୍ର ହେବା ପରେ ଦିଲ୍ଲୀପ ଜାତୀୟ ଗଣମାଧ୍ୟମକୁ କହିଛନ୍ତି, 'ଜର୍ସି ପରିବର୍ତ୍ତନ ସଂପର୍କରେ ମୋତେ କିଛି ଅବଗତ କରାଯାଇ ନାହିଁ। ହଠାତ୍ ସେମାନେ ଏମିତି କାହିଁକି ନିଷ୍ପତ୍ତି ନେଲେ ସେ ସଂପର୍କରେ ହକି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକଙ୍କ ଠାରୁ ପତ୍ର ଲେଖି ସ୍ପଷ୍ଟୀକରଣ ମାଗିଛି। ପରିଚାଳନା କମିଟିକୁ ସଂପୂର୍ଣ୍ଣ ବିବରଣୀ ଲିଖିତ ଭାବେ ପ୍ରଦାନ କରିବାକୁ କହିଛି।'

ଓଡ଼ିଶା ସରକାର ଜର୍ସିର ରଙ୍ଗ ବିବାଦରେ ଦିଲ୍ଲୀପଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିବା ସେ ପତ୍ରରେ ଉଲ୍ଲେଖ କରିଥିବା ଜଣା ପଡ଼ିଛି। ନୀଳ ହେଉଛି ହକି ଇଣ୍ଡିଆର ପାରମ୍ପରିକ ରଙ୍ଗ। କିନ୍ତୁ ନାରଙ୍ଗୀ କରାଯିବା ପରେ ଜାତୀୟ କ୍ରୀଡ଼ାକୁ ରାଜନୀତିକରଣ କରାଯାଉଛି ବୋଲି ନବୀନ ଅଭିଯୋଗ କରିଥିଲେ। ବିବାଦ ମୁଣ୍ଡ ଟେକିବା ପରେ ବିଶ୍ୱକପ୍‌ରେ ଭାରତୀୟ ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ ହେବ କି ନା ନାହିଁ ସେ ବିଷୟରେ ହକି ଇଣ୍ଡିଆ ସଭାପତି କିଛି ସ୍ପଷ୍ଟ କରି ନାହାନ୍ତି।

# ଟେଷ୍ଟ କ୍ରିକେଟକୁ ଫେରିବେ ବେନ ଷ୍ଟୋକ୍ସ ପରବର୍ତ୍ତୀ ଆଶେସ ସିରିଜରେ ଖେଳିବେ !

**ନୂଆଦିଲ୍ଲୀ**




ଇଂଲଣ୍ଡର ପୂର୍ବତନ ଅଧିନାୟକ ବେନ ଷ୍ଟୋକ୍ସ ସମ୍ପ୍ରତି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଛନ୍ତି, କିନ୍ତୁ ସମ୍ଭାବ୍ୟ ପୁନରାଗମନ ବିଷୟରେ ଆଲୋଚନା ଆରମ୍ଭ ହୋଇସାରିଛି। ଇଂଲଣ୍ଡ କ୍ରିକେଟ ଦଳର ପରିଚାଳନା ନିର୍ଦ୍ଦେଶକ ରବ କି କହିଛନ୍ତି ଯେ ଷ୍ଟୋକ୍ସଙ୍କ ପୁନରାଗମନର ସମ୍ଭାବନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଚତୁର୍ଥ ଦିନରେ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଜୋ ରୁଟ୍‌ଙ୍କୁ ଟେଷ୍ଟ ଦଳର ନୂତନ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି।

ଇଂଲଣ୍ଡର ଟେଷ୍ଟ ଦଳର ପରବର୍ତ୍ତୀ ପ୍ରଶିକ୍ଷକ ଭାବରେ ଷ୍ଟିଫେନ ଫ୍ଲେମିଂଙ୍କ ନିଯୁକ୍ତି ଘୋଷଣା କରିବା ସମୟରେ, ରବ କିଙ୍କୁ ଷ୍ଟୋକ୍ସଙ୍କ ସମ୍ଭାବ୍ୟ ପୁନରାଗମନ ବିଷୟରେ ପଚରାଯାଇଥିଲା; ସେ ଉତ୍ତର ଦେଇଥିଲେ, 'କିଛି ବି ସମ୍ଭବ।' ତଥାପି, ସେ ସ୍ପଷ୍ଟ କରିଥିଲେ ଯେ ଷ୍ଟୋକ୍ସ ଏପରି କୌଣସି ସଙ୍କେତ ଦେଇନାହାନ୍ତି। ତଥାପି, ଷ୍ଟୋକ୍ସ ବର୍ତ୍ତମାନ ଦିନିକିଆ କପରେ ଖେଳୁଛନ୍ତି ଏବଂ ଘରୋଇ କ୍ରିକେଟରେ ସକ୍ରିୟ ଅଛନ୍ତି, ଯାହା ପୁନରାଗମନ ବିଷୟରେ କଳ୍ପନାଜଳ୍ପନାକୁ ଖୋରାକ କରିଛି।

ରବ କି ସ୍କାଏ ସ୍ପୋର୍ଟସକୁ କହିଛନ୍ତି, 'ଯଦି ସେ ପୁନରାଗମନ କରନ୍ତି ତେବେ ଏହା ଏକ ଚମତ୍କାର କାହାଣୀ ହେବ। ସେ ଏପରି କରିବାର କୌଣସି ସଙ୍କେତ ଦେଇନାହାନ୍ତି, କିନ୍ତୁ ଯଦି ଏହା ହୁଏ ତେବେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ। ବେନ ଷ୍ଟୋକ୍ସଙ୍କ ସହିତ, ସବୁକିଛି ସମ୍ଭବ।'

ଯଦିଓ ଷ୍ଟୋକ୍ସ ନିଜେ ଫେରିବା ନେଇ ଇଙ୍ଗିତ ଦେଇନାହାନ୍ତି, ଆଲୋଚନା ଜୋର ଧରିଛି, ଆଗାମୀ ବର୍ଷ ଆସେସ ସିରିଜ ପାଇଁ ତାଙ୍କ ପୁନରାଗମନ ନେଇ ଜୋରଦାର କଳ୍ପନାଜଳ୍ପନା ଚାଲିଛି। ଅଷ୍ଟ୍ରେଲିୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ଏକ ସାକ୍ଷାତକାରରେ କହିଛନ୍ତି ଯେ ନୂତନ ପ୍ରଶିକ୍ଷକ ଫ୍ଲେମିଂ ଷ୍ଟୋକ୍ସଙ୍କ ସହ ଏ ବିଷୟରେ ଆଲୋଚନା କରିବାକୁ ବିଚାର କରିପାରନ୍ତି। ସେ ମନ୍ତବ୍ୟ ଦେଇଥିଲେ ଯେ ଯଦି ଷ୍ଟୋକ୍ସ ଟେଷ୍ଟ କ୍ରିକେଟକୁ ଫେରିଯାଆନ୍ତି ତେବେ ଏହା ଏକ ଚମତ୍କାର କାହାଣୀ ହେବ।

ମ୍ୟାକଡୋନାଲ୍ଡ କହିଛନ୍ତି, 'ମୁଁ ଭାବୁଛି ତାଙ୍କ ଭିତରେ ଏବେ ବି ବହୁତ କ୍ରିକେଟ ବାକି ଅଛି। ତାଙ୍କୁ ଖେଳିବା ଦେଖିବା ବହୁତ ଭଲ ହେବ। ନୂତନ ପ୍ରଶିକ୍ଷକ ଯିଏ ବି ହୁଅନ୍ତୁ ସେ ସମ୍ଭବତଃ ତାଙ୍କ ସହ ଏ ବିଷୟରେ କଥା ହେବେ।'

# ନୀତା ଫୁଟ୍‌ବଲ୍ ଏକାଡେମୀ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ



**ଖୁଣ୍ଟୁଣୀ**

ଛତିଶଗଡ଼ର ନାରାୟଣପୁର ଠାରେ ଆୟୋଜିତ ୧୭ ବର୍ଷରୁ କମ୍ ବାଳିକା ଯୁବ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାର ନୀତା ଫୁଟ୍‌ବଲ୍ ଏକାଡେମୀ ଉପ ବିଜେତା ହୋଇ ସ୍ୱରାଜ୍ୟକୁ ଫେରିଛି। କଟକ ପହଞ୍ଚିବା ପରେ ରେଳଷ୍ଟେସନ୍ ନିକଟରେ ସମ୍ପୂର୍ଣ୍ଣ ଦଳକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଟକ ଜିଲ୍ଲା ଖୁଣ୍ଟୁଣୀ ରାଧାଦାମୋଦରପୁର ସ୍ଥିତ ନୀତା ଫୁଟବଲ ଏକାଡେମୀ ଫାଇନାଲ୍‌ରେ ୨-୩ (୧-୧)ରେ ଦିଲ୍ଲୀର ହୋପ୍‌ସ ଏଫ୍‌ସିଠାରୁ ଟାଇବ୍ରେକରରେ ପରାସ୍ତ ହୋଇ ଉପ ବିଜେତାରେ ସନ୍ତୁଷ୍ଟ ରହିଥିଲା। ତେବେ ୬ଟି ମ୍ୟାଚ୍‌ରେ ୨୧ ଗୋଲ୍ ଦେଇ ମାତ୍ର ୨ଟି ବରଣ କରିବା ଉଲ୍ଲେଖନୀୟ ଥିଲା। ସମ୍ପୂର୍ଣ୍ଣ ଦଳର ଉଲ୍ଲେଖନୀୟ ପ୍ରଦର୍ଶନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରଶିକ୍ଷକ ଅବନୀ ମହାନ୍ତି, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ, ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଚୟନକର୍ତ୍ତା ମାନସ ସାମଲ, ବରିଷ୍ଠ ପ୍ରଶିକ୍ଷକ ଗୀତାଞ୍ଜଳି ଖୁଣ୍ଟିଆଙ୍କ ସମେତ ନିତା ଫୁଟ୍‌ବଲ୍ ଏକାଡେମୀର ଅଧ୍ୟକ୍ଷ ସୁବ୍ରତ ଦାସ, ସମ୍ପାଦକ ଅରୁଣ କୁମାର ପରିଜା, କ୍ରୀଡା ସଂଗଠକ ସମରେନ୍ଦ୍ର ପ୍ରତାପ ସ୍ୱାଇଁ, ସିଇଓ ମହମ୍ମଦ ସାହିଦ ଜବାର, ବସନ୍ତ ନାୟକ, ରମଣୀ ରଞ୍ଜନ ନାୟକଙ୍କ ସମେତ କଟକର ବିଶିଷ୍ଟ ବ୍ୟକ୍ତି, ଫୁଟବଲ ପ୍ରେମୀ, କ୍ରୀଡ଼ାବିତ୍ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସ୍ୱାଗତ ସମାରୋହରେ ସାମିଲ ହୋଇଥିଲେ।

# ହକି ଦଳର ଜର୍ସି ରଙ୍ଗ ବଦଳାଇବା ନେଇ ପ୍ରଶ୍ନ ଉଠାଇଲେ ଖାର୍ଗେ

**ନୂଆଦିଲ୍ଲୀ**



ଭାରତୀୟ ହକି ଦଳର ଜର୍ସିର ରଙ୍ଗ ଗେରୁଆ କରାଯିବା ଘଟଣାକୁ ନେଇ ଏବେ ବିବାଦ ଦେଖାଦେଇଛି। ସରକାରଙ୍କ ଏହି ନିଷ୍ପତ୍ତି ଉପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି। ଆସନ୍ତା ୧୫ ତାରିଖରୁ ନେଦରଲାଣ୍ଡ୍ସ ଓ ବେଲଜିୟମରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ପାରମ୍ପରିକ ନୀଳ ରଙ୍ଗର ଜର୍ସି ବଦଳରେ ଗେରୁଆ ରଙ୍ଗର ଜର୍ସିରେ ଖେଳିବ। ସଭାପତି ଖାର୍ଗେ ଏକ୍ସ'ରେ ପୋଷ୍ଟ କରିଛନ୍ତି, ଭାରତୀୟ ହକି ଦଳର ଜର୍ସିର ରଙ୍ଗ ବଦଳାଯିବା କେବଳ ଏକ କ୍ରୀଡ଼ା ସମ୍ପର୍କିତ ନିଷ୍ପତ୍ତି ନୁହେଁ, ବରଂ ଏହା କୋଟି କୋଟି ଭାରତୀୟଙ୍କ ଭାବନା ଓ କ୍ରୀଡ଼ା ପରମ୍ପରା ସମ୍ପର୍କିତ ପ୍ରସଙ୍ଗ। ଭାରତୀୟ ଖେଳାଳି ଦୀର୍ଘ ବର୍ଷ ହେଲା ବିଶ୍ୱରେ 'ମେନ ଇନ୍ ବ୍ଲ୍ୟୁ', 'ଦି ବ୍ଲ୍ୟୁସ' ଓ 'ଦି ବ୍ଲ୍ୟୁ ଟାଇଗର' ଭାବେ ପରିଚିତ ହୋଇ ଆସୁଛନ୍ତି। ଏହି ପରିଚୟ କେବଳ ଜର୍ସି ରଙ୍ଗର ବିଷୟ ନୁହେଁ, ବରଂ ଏହା ଭାରତୀୟ କ୍ରୀଡ଼ାର ପରମ୍ପରା। ବର୍ତ୍ତମାନ ଏହି ଐତିହାସିକ ପରିଚୟକୁ କାହିଁକି ବଦଳାଇବାକୁ ଦରକାର ପଡ଼ିଲା, ତାହା ବୁଝିବା କଷ୍ଟକର। ପ୍ରଶ୍ନଟି କେବଳ କୌଣସି ନିର୍ଦ୍ଦିଷ୍ଟ ରଙ୍ଗର ବିଷୟ ନୁହେଁ, ବରଂ ନିଷ୍ପତ୍ତି ନେବା ପ୍ରକ୍ରିୟା, ସ୍ୱଚ୍ଛତା ଓ ଜନସାଧାରଣଙ୍କ ଭାବନାର ବିଷୟ। ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହକି ଇଣ୍ଡିଆର ଏକ୍‌ଜିକ୍ୟୁଟିଭ ବୋର୍ଡର ବିନା ଅନୁମତିରେ କେଉଁ ଭଳି ନିଆଗଲା, ତାହା ସ୍ପଷ୍ଟ କରାଯିବା ଦରକାର ବୋଲି ଖାର୍ଗେ ସ୍ପଷ୍ଟ କରିଛନ୍ତି।

# ସିନିୟର୍ ବ୍ୟାଙ୍କର୍ସ ଫୋରମ୍‌ର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରରେ କାର୍ଯ୍ୟ କରୁଥିବା ଭାରତର ସମସ୍ତ କମର୍ଶିଆଲ ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ନାବାର୍ଡ, ଏବଂ ଅନ୍ୟାନ୍ୟ ପ୍ରାଇଭେଟ ବ୍ୟାଙ୍କର ଅବସର ପ୍ରାପ୍ତ ଉଚ୍ଚାଧିକାରୀ ସଦସ୍ୟମାନଙ୍କୁ ନେଇ ଗଠିତ ସିନିୟର ବ୍ୟାଙ୍କର୍ସ ଫୋରମ୍ (ସେବାଫର), ଭୁବନେଶ୍ୱର ର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଫୋରମର ସଭାପତି ଅମୃତନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ଈଶ୍ୱର ଚନ୍ଦ୍ର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଫୋରମର ବାର୍ଷିକ ମୁଖପତ୍ର 'ଦ ସେବାଫରିୟାନ -୨୦୨୬' ଉନ୍ମୋଚିତ ହୋଇଥିଲା। କୋଷାଧ୍ୟକ୍ଷ ଅଜିତ କୁମାର ଲେଙ୍କା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଫୋରମର ବାଲାନ୍ସ ସିଟ୍ ଉପସ୍ଥାପିତ କରିଥିଲେ। ଏହାପରେ ୨୦୨୬-୨୮ ଅବଧି ପାଇଁ ଫୋରମର ବିଭିନ୍ନ ପଦପଦବୀ ନିମନ୍ତେ ବରିଷ୍ଠ ସଦସ୍ୟ ଭୋଲାନାଥ ବେହେରାଙ୍କ ପରିଚାଳନାରେ ଆନୁଷ୍ଠାନିକ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଅମୃତନାଥ ମହାନ୍ତି ସଭାପତି, ଡକ୍ଟର ମନୋରଞ୍ଜନ ଭୂୟାଁ ଉପସଭାପତି, ଈଶ୍ୱର ଚନ୍ଦ୍ର ରଥ ସାଧାରଣ ସମ୍ପାଦକ, ଦେବେନ୍ଦ୍ର କୁମାର ନନ୍ଦ ଯୁଗ୍ମ ସମ୍ପାଦକ, ଅଜିତ କୁମାର ପରିଜା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ପରିଚାଳନା କମିଟିର ସଦସ୍ୟ ଭାବେ ସର୍ବଶ୍ରୀ ନିମାଇଁ ଚରଣ ପରିଜା, ଦେବରାଜ ତ୍ରିପାଠୀ, ମହେଶ ପ୍ରସାଦ ଦଳବେହେରା, ମିହିର ପଟ୍ଟନାୟକ, ଧନେଶ୍ୱର ସାହୁ, ଗୀତାଞ୍ଜଳି ମିଶ୍ର, ଅଭୟ କୁମାର ମହାପାତ୍ର, ଧରଣୀଧର ମିଶ୍ର, ମାନବେନ୍ଦ୍ର ମିଶ୍ର, ପର୍ଶୁରାମ ପଣ୍ଡା, ଶଶୀ ଭୂଷଣ ଦାଶ, ଅଚ୍ୟୁତନାନ୍ଦ ପରିଡ଼ା ଏବଂ ପ୍ରେମାନନ୍ଦ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଉପସଭାପତି ଡକ୍ଟର ମନୋରଞ୍ଜନ ଭୂୟାଁ ସମସ୍ତଙ୍କ ସଦୟ ଉପସ୍ଥିତି ଓ ନିର୍ବାଚନରେ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଫୋରମର ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**GOVERNMENT OF ODISHA** 13001/1382/2627

**"e" PROCUREMENT NOTICE, Rajgangpur Municipality**
**Bid Identification No. – EO/RGP/02 of 2026-27**
**e-mail ID- rajgangpurm.hud@nic.in**
**No. 3135 Dated.30.07.2026**

1) Total Number of Work : 02 no. of Work (Waterfront Development)
2) Approximate Estimated Cost : 2.46 Lakhs to 16.55 Lakhs
3) Period of Completion : 45 Days
4) Date & time of availability of the bid documents in the portal: 01.08.2026 at 11.00 A.M. to 09.08.2026 up to 4.00 P.M.
5) Last date of receipt of Bids in the portal : 09.08.2026 up to 4.00 P.M. (On line)
6) Bids Receipt online shall be opened on : 10.08.2026 at 11.00 A.M. (On Line)
7) Name & address of the Officer Inviting Bid : Executive Officer, Rajgangpur Municipality
8) The Bidders have to participate in ONLINE bidding only; further details can be seen from the e-procurement portal. http://tendersodisha.gov.in

Sd/- GOBINDA DANSENA
Executive Officer
Rajgangpur Municipality

OIPR-13001/13094/1/26-27/0002

**GOVERNMENT OF ODISHA** 19001/173/2627
**Panchayat Samiti, Bhawanipatna**
***E-Procurement Notice***
***Bid Identification No.* PS-BPT-T-2/2026-27**

| | | | |
|---|---|---|---|
| 1 | No. of the work | : | Building works 8 nos. |
| 2 | Estimated cost | : | Rs. 14.58 lakh to Rs. 14.75 lakh |
| 3 | Class of Contractor | : | "C" & "D" |
| 4 | Period of completion | : | 6 months |
| 5 | Date and time of availability of bid document in the portal | : | 11.00 hrs of 01.08.2026 to 17.00 hrs of 17.08.2026 |
| 6 | Last date/Time for receipt of bid in the portal | : | 17.00hour of 17.08.2026 |
| 7 | Name and address of the Officer Inviting Bid | : | Block Development Officer, Bhawanipatna |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 18.08.2026 at 11.00 AM in the Office of the Panchayat Samiti, Bhawanipatna |

Further details can be seen from the e-procurement portal https://tendersodisha.gov.in

Sd/- Block Development Officer, Bhawanipatna

OIPR-19001/19212/1/26-27/0001

# ପଠାଣିସାମନ୍ତ ଗଣିତ ମେଧାବୃତ୍ତିରେ ସଫଳତା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ଅନ୍ତର୍ଗତ ପିଏମ୍ ଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ମେଧାବୀ ଛାତ୍ର ଆଦିତ୍ୟ କୁମାର ମହାନ୍ତି ଓ ପ୍ରିୟାଂଶୁ ରାଉତ ପ୍ରତିଷ୍ଠିତ ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉଭୟ ଛାତ୍ରଙ୍କ ଏହି ସଫଳତା ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଷାର କାନ୍ତି ମିଶ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଅଭିଭାବକ ଏବଂ ସହପାଠୀମାନଙ୍କ ମଧ୍ୟରେ ଆନନ୍ଦର ପରିବେଶ ସୃଷ୍ଟି କରିଛି। ସେମାନଙ୍କର ନିଷ୍ଠା, ପରିଶ୍ରମ ଓ ଶିକ୍ଷକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଏହି ସଫଳତାର ମୂଳ କାରଣ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ସଫଳତାର ଶ୍ରେୟ ଉଭୟ ଛାତ୍ର ଦୁହେଁ ସ୍କୁଲର ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ତାଙ୍କର ପରିବାର ବର୍ଗଙ୍କୁ ଦେଇଛନ୍ତି।

# ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ବିଏମ୍‌ସିର ଉଦ୍ୟମ ଜାରି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ସହରର ପ୍ରମୁଖ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ସ୍ଥାନ (ମିଡିଆନ)ଗୁଡିକର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କରାଯାଉଛି। ପୂର୍ବରୁ ଥିବା ପୁଷ୍ପବୃକ୍ଷ ଗୁଡିକୁ କଟିଂ କରିବା ସହ ମିଡିଆନରେ ନୂତନ ଫୁଲ ଗଛ ଲଗାଯାଉଛି। ବିଭିନ୍ନ ୱାର୍ଡରେ ଏହି କାର୍ଯ୍ୟ ଜାରି ରହିଛି। ପରିବେଶ ଉପବିଭାଗ ଅଧିକାରୀ ମାନେ ନିୟମିତ ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟ ଅଗ୍ରଗତି ତଦାରଖ କରୁଛନ୍ତି। ଏହି ମିଡିଆନର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଙ୍କୁ ଦିଆଯାଇଛି। ସେମାନେ ତାଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ବିନିଯୋଗ କରି ବିଭିନ୍ନ ପ୍ୟାଚର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରୁଛନ୍ତି। ବିଏମ୍‌ସି ପରିବେଶ ଉପବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ସମୟରେ ଡେପୁଟି କମିଶନର, ଅତିରିକ୍ତ କମିଶନର ଏପରିକି ଖୋଦ୍ କମିଶନର ଓ ମେୟର ମଧ୍ୟ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟ ତଦାରଖ କରୁଛନ୍ତି।

ଏସ୍‌ଏମ୍‌ଏସ୍ ଗ୍ରୁପ୍ ଅନୁଦାନରେ ସ୍ୱେଚ୍ଛାସେବୀ ସଂଗଠନ 'ଭାଷା' ଦ୍ୱାରା ବିଭିନ୍ନ ଅଣ୍ଡରପାଶର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କରାଯାଉଅଛି। ଏହି ସଂଗଠନ ଏବେ ଫାୟାରଷ୍ଟେସନ ଅଣ୍ଡରପାଶ୍, ସିଆରପିଏଫ, ବାଣିବିହାର, ରସୁଲଗଡ଼, ଖଣ୍ଡଗିରି, ଆଚାର୍ଯ୍ୟ ବିହାର, ଏଜି ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଅଣ୍ଡରପାଶର ରକ୍ଷଣା ବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରୁଅଛି।

ଏହା ବ୍ୟତିତ ଶିଶୁଭବନଛକଠାରୁ କ୍ୟାପିଟାଲ ହସ୍ପିଟାଲ ଏବଂ ନ୍ୟୁ ଏୟାରପୋର୍ଟରୁ ନବୀନ ନିବାସ-ପଳାଶପଲ୍ଲୀ ରାସ୍ତା ମିଡିଆନର ରକ୍ଷଣାବେକ୍ଷଣ ଦାୟିତ୍ୱ ଏମ୍‌ଜିଏମ୍ ଗ୍ରୁପ୍ ନେଇଥିବା ବେଳେ ଏଜି ଛକରୁ ରାଜଭବନ, ଶିଶୁ ଭବନରୁ ନ୍ୟୁ ଏୟାରପୋର୍ଟ ଛକ, ରାଜମହଲ ଫ୍ଲାଏ ଓଭର ଛକରୁ କଳ୍ପନା ଛକ ମିଡିଆନର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ନେଇଛି ଏସ୍ ଏନ୍ ଏମ୍ ଗ୍ରୁପ୍। ସେହିପରି ଜୟଦେବ ବିହାର ଛକରୁ କଳିଙ୍ଗ ହସ୍ପିଟାଲ ଛକ ପର୍ଯ୍ୟନ୍ତ ମିଡିଆନର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଏବଂ ଜୟଦେବ ବିହାର ଜଙ୍କସନର ଉଭୟ ରାସ୍ତାପାର୍ଶ୍ୱ ସୌନ୍ଦର୍ଯ୍ୟ କରଣ ଦାୟିତ୍ୱ ନେଇଛି ନାଲକୋ। ନାଲକୋ ତାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ବିନିଯୋଗରେ ଏହି ମିଡିଆନ କାର୍ଯ୍ୟ କରୁଅଛି। କାର୍ଯ୍ୟ ଜାରି ରହିଥିବା ସମସ୍ତ ଅଣ୍ଡରପାଶ୍ ଏବଂ ସମସ୍ତ ମିଡିଆନର ଆର୍ଥିକ ବୋଝ ମଧ୍ୟ ବିଏମ୍‌ସି ଉପରେ ପଡୁନାହିଁ। ଏସ୍‌ଏମ୍‌ଏସ୍, ଏମ୍ ଜି ଏମ୍, ଏସ୍ ଏନ୍ ଏମ୍ ଓ ନାଲକୋ ସେମାନଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏହି ସବୁ ବ୍ୟୟଭାର ବହନ କରୁଛନ୍ତି।

ସେହିପରି ଭୁବନେଶ୍ୱରର ପ୍ରମୁଖ ରାସ୍ତାଗୁଡିକରେ ଥିବା ୩୯ଟି ମିଡିଆନର ୪୫.୧୧ କିଲୋମିଟରରୁ ଅଧିକ ରାସ୍ତାର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ନେଇଛି ବିଭିଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍। ଏହି ସଂସ୍ଥା ଟେଣ୍ଡରରେ ଏଲ୧ ହେବା ପରେ ତାହାକୁ, ୧ ଏପ୍ରିଲ ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ବିଏମ୍‌ସି ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ଓଏଫଡିସି ଏଜି ଛକରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ମିଡିଆନ କାର୍ଯ୍ୟ ଆରମ୍ଭ କରିଛି। ଏଥିପାଇଁ ମଧ୍ୟ ବିଏମ୍‌ସି ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଉଛି। ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ଏବଂ ଯେଉଁ ସଂସ୍ଥାମାନେ କାର୍ଯ୍ୟକରୁଛନ୍ତି, ସେମାନେ ସଠିକ୍ ଏବଂ ବୈଜ୍ଞାନିକ ପଦ୍ଧତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମେୟର ସୁଲୋଚନା ଦାସ ଓ ବିଏମ୍‌ସି କମିଶନର ଚଞ୍ଚଳ ରାଣା।





# କିଟ୍‌ରେ ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ଉପରେ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତିସଂଘର ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ଏବଂ ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଅଧିନିୟମ, ୧୯୭୬ର ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ କିଟ୍ ଡିମ୍ଡ୍ ଟୁ ବି ୟୁନିଭର୍ସିଟିର କିଟ୍ ସ୍କୁଲ ଅଫ୍ ଲ'ର ମହିଳା ଓ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ ଆୟୋଜନ କରାଯାଇଥିଲା। ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନ ଏବଂ ଶ୍ରମ ବାହିନୀର ସହଯୋଗରେ ଆୟୋଜିତ ଏହି ପରାମର୍ଶ ବୈଠକରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ, ନ୍ୟାୟପାଳିକାର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ପ୍ରତିନିଧି, ଶିକ୍ଷାବିତ୍, ନାଗରିକ ସମାଜ ସଂଗଠନର ସଦସ୍ୟ, ମୁକ୍ତ ବନ୍ଧକ ଶ୍ରମିକ ନେତୃବୃନ୍ଦ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।




ବନ୍ଧକ ଶ୍ରମ ପାଇଁ ହେଉଥିବା ମାନବ ଚାଲାଣକୁ ରୋକିବା ଲକ୍ଷ୍ୟରେ ପ୍ରତିରୋଧ, ଉଦ୍ଧାର, ପୁନର୍ବାସ ଏବଂ ନ୍ୟାୟ ପ୍ରାପ୍ତି କ୍ଷେତ୍ରରେ ସରକାରୀ ବିଭାଗ ଓ ଅନ୍ୟ ଅନୁଷ୍ଠାନମାନଙ୍କ ମଧ୍ୟରେ ସମନ୍ୱିତ ପଦକ୍ଷେପକୁ କିପରି ଆହୁରି ସୁଦୃଢ଼ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମର ଆରମ୍ଭ ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ ଓ 'ବନ୍ଦେ ଉତ୍କଳ ଜନନୀ' ଗାନ ପରିବେଷଣ ମାଧ୍ୟମରେ ହୋଇଥିଲା। ପରେ ଆୟୋଜକଙ୍କ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ କିଟ୍ ସ୍କୁଲ ଅଫ୍ ଲ'ର ସହଯୋଗୀ ଅଧ୍ୟାପିକା ଡ଼. ଜିନତ ତାହେର ପରିଚାଳନା କରିଥିଲେ। ସ୍ୱାଗତ ଭାଷଣରେ କିଟ୍ ଡିମ୍ଡ୍ ଟୁ ବି ୟୁନିଭର୍ସିଟିର ପ୍ରୋ-ଭାଇସ୍ ଚାନସ୍ଲେର ପ୍ରଫେସର ରାଜୁ କେ.ଡି. ବିଶିଷ୍ଟ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ସମାଜର ଅସହାୟ ଓ ବଞ୍ଚିତ ବର୍ଗର ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ପ୍ରତି ସମସ୍ତଙ୍କ ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ ହେଉଛି ଏହି ପରାମର୍ଶ ବୈଠକ। ସେ କହିଥିଲେ, ଆଇନ ଶିକ୍ଷା, ଗବେଷଣା ଏବଂ ସମାଜ ସହ ସମ୍ପୃକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ନ୍ୟାୟ ପ୍ରତିଷ୍ଠା କରିବାରେ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରାମର୍ଶ ବୈଠକର ଆଲୋଚନା ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ପାଇଁ ଆହୁରି ସଶକ୍ତ ପ୍ରତିଷ୍ଠାନଗତ ବ୍ୟବସ୍ଥା ଗଠନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସଭାପତିଙ୍କ ଅଭିଭାଷଣରେ କିଟ୍ ଡିମ୍ଡ୍ ଟୁ ବି ୟୁନିଭର୍ସିଟିର କୁଳପତି ପ୍ରଫେସର (ଡ଼.) ଶରଣଜିତ ସିଂହ ମାନବ ଚାଲାଣର ମୂଳ କାରଣକୁ ଦୂର କରିବା ପାଇଁ ସ୍ଥାନୀୟ ସ୍ତରରେ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ।

## ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଓ ପିଏମ୍-ରାହତ

# ଦେୟମୁକ୍ତ ଚିକିତ୍ସା ଓ ଡିଜିଟାଲ ମିସନର ନିୟମ ଅନୁପାଳନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ-ଜିଜେଏୱାଇ), ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଡଧାରୀ ଏବଂ ପିଏମ୍- ରାହତ ଯୋଜନା ଅଧୀନରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ଚିକିତ୍ସା ଅଧିକ ସହଜଲଭ୍ୟ କରିବା ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ସ୍ୱାସ୍ଥ୍ୟ ଭରଷା ସମିତି (ସାସ୍) ମାଧ୍ୟମରେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କ ପାଇଁ ଏକ ସଘନ ଅନୁପ୍ରେରଣା ଓ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ସପ୍ତାହବ୍ୟାପୀ ଶିବିରରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାର ପ୍ରାୟ ୭୭୯ଟି ତାଲିକାଭୁକ୍ତ ଘରୋଇ ହସ୍ପିଟାଲକୁ ବିଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଇ ଏହି ଯୋଜନାଗୁଡ଼ିକର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଶିବିରର ଉଦ୍‌ଘାଟନୀ ଦିବସରେ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ରାଜ୍ୟ ସ୍ୱାସ୍ଥ୍ୟ ଭରଷା ସମିତି (ସାସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ବୃନ୍ଦା ଡି. ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଏବଂ ଏଭିଭିୱାଇ କାର୍ଡଧାରୀ ରୋଗୀମାନଙ୍କର ଦେୟମୁକ୍ତ ଚିକିତ୍ସାକୁ ଅଧିକ ସରଳ ଓ ସହଜଲଭ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ସରକାରଙ୍କ ପକ୍ଷରୁ ସମସ୍ତ ହସ୍ପିଟାଲକୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଧାନମନ୍ତ୍ରୀ-ରାହତ ଯୋଜନାରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କର ତୁରନ୍ତ ଆଡମିସନ ଓ ଉଚ୍ଚ ମାନର ନିଃଶୁଳ୍କ ଚିକିତ୍ସା ନିଶ୍ଚିତ କରିବା ନିମନ୍ତେ ହସ୍ପିଟାଲମାନେ ସର୍ବଦା ଯତ୍ନବାନ ହେବା ଆବଶ୍ୟକ । ଡା. ବୃନ୍ଦା କହିଥିଲେ ଯେ, ଏହି ଯୋଜନାଗୁଡ଼ିକ ବିଷୟରେ ଜନସାଧାରଣଙ୍କ ସନ୍ତୋଷ ହସ୍ପିଟାଲସ୍ତରରେ ସେମାନଙ୍କୁ ମିଳୁଥିବା ବ୍ୟବହାର ଏବଂ ଚିକିତ୍ସାର ଗୁଣବତ୍ତା ସହ ସିଧାସଳଖ ଭାବେ ଜଡ଼ିତ। ରୋଗୀମାନେ କଷ୍ଟରୁ ଉପଶମ ଓ ଆରୋଗ୍ୟ ଲାଭର ଆଶା ନେଇ ଜରୁରୀ ଅବସ୍ଥାରେ ହସ୍ପିଟାଲକୁ ଆସିଥାନ୍ତି। ସେମାନଙ୍କୁ ଦେୟମୁକ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ନୀତିଗତ ଏବଂ ଆର୍ଥିକ ବ୍ୟବସ୍ଥା କରିଛନ୍ତି । ସେମାନଙ୍କ ଚିକିତ୍ସାର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି । ତେଣୁ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକ ରୋଗୀମାନଙ୍କୁ ତତ୍ପରତାର ସହ ଗ୍ରହଣ କରିବା, ଭର୍ତ୍ତି କରିବା ଏବଂ ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ କରିବା ଦିଗରେ ସର୍ବଦା ସତର୍କ ଓ ସଜାଗ ରହିବା ଉଚିତ। ଚିକିତ୍ସା ସେବା ପ୍ରଦାନରେ କୌଣସି ଅବହେଳା, ଦୁର୍ନୀତିମୂଳକ କାର୍ଯ୍ୟ କିମ୍ବା ଅନାବଶ୍ୟକ ବିଳମ୍ବକୁ ସରକାର ଗୁରୁତର ଭାବେ ଗ୍ରହଣ କରିବେ ବୋଲି ହସ୍ପିଟାଲଗୁଡ଼ିକୁ ସତର୍କ କରାଯାଇଥିଲା। ପ୍ରାକ୍ ଓ ପରବର୍ତ୍ତୀ ହସ୍ପିଟାଲାଇଜେସନ୍ ଖର୍ଚ୍ଚର ପରିସର (ଯଥା—ରୋଗ ନିରୂପଣ ପରୀକ୍ଷା, ଅନ୍ୟାନ୍ୟ ଆବଶ୍ୟକ ଯାଞ୍ଚ ଏବଂ ହସ୍ପିଟାଲରୁ ଡିସ୍‌ଚାର୍ଜ ପରେ ସ୍ୱାସ୍ଥ୍ୟ ପରୀକ୍ଷା), ରୋଗୀ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ସମୟସୀମା, ପ୍ରି-ଅଥରାଇଜେସନ୍, ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ ଅଭିଯୋଗର ସମାଧାନ ଏବଂ ଚିକିତ୍ସା ବିଲ୍ ଯାଞ୍ଚ ଓ ନିଷ୍ପତ୍ତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ନିର୍ଦ୍ଦିଷ୍ଟ ପ୍ୟାକେଜ୍ ଅଧୀନରେ ଆସୁଥିବା ସମସ୍ତ ପ୍ରି-ଅଥରାଇଜେସନ୍ ଅନୁରୋଧକୁ ଯଦି ସଠିକ୍ ଭାବେ ପୋର୍ଟାଲରେ ଉପସ୍ଥାପନ କରାଯାଏ, ତେବେ ତାହା କିଛି ମିନିଟ୍ କିମ୍ବା ଘଣ୍ଟା ମଧ୍ୟରେ ଅନୁମୋଦନ ହେବ ବୋଲି ହସ୍ପିଟାଲ ପ୍ରତିନିଧିମାନଙ୍କୁ ସ୍ପଷ୍ଟ କରାଯାଇଥିଲା। ଏଭଳି ଅନୁରୋଧର ସର୍ବାଧିକ ଟର୍ଣ୍ଣ-ଆରାଉଣ୍ଡ ଟାଇମ୍ (ଟିଏଟି) ୬ ଘଣ୍ଟା ନିର୍ଦ୍ଧାରିତ ରହିଛି। ଏହି ସମୟସୀମା ମଧ୍ୟରେ ଅନୁରୋଧର ଅନୁମୋଦନ ନହେଲେ, ତାହା ସ୍ୱୟଂଚାଳିତ ଭାବେ ଅନୁମୋଦିତ ହୋଇଛି ବୋଲି ବିବେଚନା କରାଯିବ। ପ୍ରି-ଅଥରାଇଜେସନ୍ ଅନୁରୋଧ ସମ୍ପର୍କିତ ପ୍ରଶ୍ନ କିମ୍ବା ସ୍ପଷ୍ଟୀକରଣର ଉତ୍ତର ଦେବା ପାଇଁ ନିର୍ଦ୍ଧାରିତ ସମୟସୀମା ସମ୍ପର୍କରେ ମଧ୍ୟ ସେମାନଙ୍କୁ ଅବଗତ କରାଯାଇଥିଲା। ପ୍ରି-ଅଥରାଇଜେସନ୍ ଆବେଦନ ଦାଖଲ ଏବଂ ଦାବି ଉପସ୍ଥାପନ ପ୍ରକ୍ରିୟାରେ ମେଡ୍‌କୋମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଠିକ୍ ଭାବେ ଦାବି ଉପସ୍ଥାପନ, ରୋଗୀମାନଙ୍କ ମର୍ଯ୍ୟାଦା ଓ ଗୋପନୀୟତା ବଜାୟ ରଖିବା ଭଳି ବିଷୟଗୁଡ଼ିକୁ ପ୍ରଶିକ୍ଷକମାନେ ସ୍ପଷ୍ଟ ଭାବେ ବୁଝାଇଥିଲେ। ବିସ୍ତୃତ ଆଲୋଚନା ମାଧ୍ୟମରେ ଉପସ୍ଥିତ ପ୍ରତିନିଧିମାନଙ୍କ ବିଭିନ୍ନ ସନ୍ଦେହ ଓ ପ୍ରଶ୍ନର ସମାଧାନ କରାଯାଇଥିଲା। ପିଏମ୍-ରାହତ ଯୋଜନା ଅଧୀନରେ ରହିଥିବା ନିର୍ଦ୍ଦେଶାବଳୀ ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ହସ୍ପିଟାଲକୁ ଅଣାଯାଇଥିବା ସମସ୍ତ ମୋଟରଯାନ ଦୁର୍ଘଟଣା ପୀଡ଼ିତଙ୍କୁ ପ୍ରତ୍ୟେକ ହସ୍ପିଟାଲ ଦେୟ ମୁକ୍ତ ଚିକିତ୍ସା ସେବା ଯୋଗାଇଦେବା ବାଧ୍ୟତାମୂଳକ ବୋଲି ସ୍ପଷ୍ଟ କରାଯାଇଥିଲା। ପ୍ରତ୍ୟେକ ଦୁର୍ଘଟଣା ପୀଡ଼ିତ ଦୁର୍ଘଟଣା ତାରିଖଠାରୁ ସର୍ବାଧିକ ସାତ ଦିନ ପର୍ଯ୍ୟନ୍ତ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ପାଇବାକୁ ହକ୍‌ଦାର। ପିଏମ୍-ରାହତ ଯୋଜନା ଅଧୀନରେ ଦାବି ଉପସ୍ଥାପନ ପ୍ରକ୍ରିୟା ଏବଂ ଯୋଜନା ସମ୍ପର୍କିତ ବ୍ୟାନର ଓ ପୋଷ୍ଟର ହସ୍ପିଟାଲ ପରିସରରେ ପ୍ରଦର୍ଶନ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ନିରବଚ୍ଛିନ୍ନ ଡିଜିଟାଲ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ହସ୍ପିଟାଲ ଗୁଡ଼ିକୁ ସେମାନଙ୍କର ହସ୍ପିଟାଲ ପରିଚାଳନା ପ୍ରଣାଳୀକୁ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ୍ (ଏବିଡିଏମ୍) ପ୍ଲାଟଫର୍ମ ସହିତ ସମନ୍ୱିତ କରିବାକୁ କୁହାଯାଇଥିଲା। ଏହି ସମନ୍ୱୟ ଦ୍ୱାରା ରୋଗୀ ସେବାର ମାନ ଉନ୍ନତ ହେବା ସହିତ ଭୌତିକ ରେକର୍ଡ ସଂରକ୍ଷଣର ଭାର ହ୍ରାସ ପାଇବ। ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ରେଫର କରାଯିବା ସମୟରେ ହସ୍ପିଟାଲଗୁଡ଼ିକ ମଧ୍ୟରେ ସୂଚନାର ସହଜ ଓ ଦ୍ରୁତ ଆଦାନପ୍ରଦାନ ସମ୍ଭବ ହେବ। ଏହା ଚିକିତ୍ସା ବିଲ୍ ପ୍ରକ୍ରିୟାକରଣକୁ ଅଧିକ ଦକ୍ଷ ଓ ସୁବ୍ୟବସ୍ଥିତ କରିବା ସହ ଡିଜିଟାଲ ସ୍ୱାସ୍ଥ୍ୟସେବାର ଭବିଷ୍ୟତ ଆବଶ୍ୟକତା ପାଇଁ ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତ କରିବ। ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଡା. ବିଷ୍ଣୁପ୍ରସାଦ ମହାପାତ୍ର, ଡା. ରଶ୍ମି ରଞ୍ଜନ ଶତପଥୀ, ଡା. ଶୁଭ୍ରଜିତ ରାଓ ଏବଂ ଡା. ଅରୁଣ ମହାପାତ୍ର ପ୍ରମୁଖ ରିସୋର୍ସ ପର୍ସନ ଭାବେ ତାଲିମ ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାର୍ଯ୍ୟକାରୀ ହେବ...

ଜନଜାତି ସମ୍ପ୍ରଦାୟର ହିତାଧିକାରୀ ମାନେ ଉପକୃତ ହୋଇପାରିବେ । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦ ଆଗାମୀ ପାଞ୍ଚ ବର୍ଷ (୨୦୨୬-୨୭ ରୁ ୨୦୩୦ -୩୧) ଅବଧି ପାଇଁ ରାଜ୍ୟର ୧୯ ଗୋଟି ଜିଲ୍ଲା ଅନ୍ତର୍ଗତ ୨୩ ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ୨୦ଟି କ୍ଷୁଦ୍ର ପ୍ରକଳ୍ପ କ୍ଷେତ୍ର ମାଧ୍ୟମରେ ୧୩୪ ଗୋଟି ବ୍ଲକରେ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୨,୯୯୫ କୋଟି ଟଙ୍କାର ବ୍ୟୟବରାଦ ଅନୁମୋଦନ କରିଛନ୍ତି। ଗୃହ ବିଭାଗରୁ ଓଡିଶା ରାଜ୍ୟ ବିଧି ସେବା କ୍ୟାଡରକୁ ବିଧି ବିଭାଗକୁ ସ୍ଥାନାନ୍ତର କରାଯାଇଥିବା ପରିପ୍ରେକ୍ଷୀରେ ରାଜ୍ୟ ମକଦ୍ଦମା ନୀତିର ଉଦ୍ଦେଶ୍ୟ ସହ ସମନ୍ୱୟ ରଖି ମକଦ୍ଦମା ପରିଚାଳନାକୁ ଅଧିକ ସୂଚାରୁରୂପ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ମନ୍ତ୍ରିମଣ୍ଡଳ "ଓଡିଶା ରାଜ୍ୟ ବିଧି ସେବା କ୍ୟାଡର ନିୟମାବଳୀ, ୨୦୨୭'' କୁ ଅନୁମୋଦନ କରିଛନ୍ତି। ନୂତନ ନିୟମାବଳୀରେ ନିଯୁକ୍ତି, ପଦୋନ୍ନତି, ବରିଷ୍ଠତା ଏବଂ ଅନ୍ୟାନ୍ୟ ସେବା-ସମ୍ବନ୍ଧୀୟ ବିଷୟଗୁଡ଼ିକ ସମେତ କ୍ୟାଡର ପରିଚାଳନା ପାଇଁ ଏକ ସମଗ୍ର ଢାଞ୍ଚା ପ୍ରଦାନ କରାଯାଇଛି। ସେଥିସହ ବିଧି ବିଭାଗକୁ କ୍ୟାଡର ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ଭାବେ ସ୍ୱୀକୃତି ଦିଆଯାଇଛି। ଏହି ନିଷ୍ପତ୍ତି ସରକାରୀ ମକଦ୍ଦମା ପରିଚାଳନା ପାଇଁ ପ୍ରତିଷ୍ଠାନଗତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ଏବଂ ରାଜ୍ୟ ମକଦ୍ଦମା ନୀତିର ଅଧିକ କାର୍ଯ୍ୟକ୍ଷମ କାର୍ଯ୍ୟାନ୍ୱୟନରେ ସହାୟକ ହେବ ବୋଲି ଆଶା କରାଯାଉଛି। ସହରାଞ୍ଚଳର ସମସ୍ତ ଯୋଗ୍ୟ ପରିବାରକୁ ୨୦୨୯ ସୁଦ୍ଧା ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ର ପରିପୂରକ ଭାବେ 'ପିଏମଏୱାଇ-(ୟୁ) ବନ୍ଧୁ' ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୨୦୨୫-୨୦୩୦ ମସିହା ମଧ୍ୟରେ ୧୬୧୫ କୋଟି ଟଙ୍କାର ବ୍ୟୟବରାଦରେ ସହରାଞ୍ଚଳର ଆଉ ୩ରୁ ସାଢ଼େ ୩ଲକ୍ଷ ଯୋଗ୍ୟ ପରିବାରକୁ ପକ୍କାଘର ଯୋଗାଇ ଦିଆଯିବ। ଏହି ଯୋଜନା ଅଧୀନରେ ସୁଲଭ ବାସଗୃହ ଓ ଭଡ଼ାଘର ନିର୍ମାଣ ପାଇଁ ୬୭୫ କୋଟି, ହିତାଧିକାରୀଙ୍କ ଶ୍ରମ କ୍ଷତିପୂରଣ ଓ ଆଗୁଆ ଘର ଶେଷ ପ୍ରୋତ୍ସାହନ ପାଇଁ ୬୮୫ କୋଟି, ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ଗୃହ ଋଣ ଓ ସୁଧ ରିହାତି ପାଇଁ ୧୦୦ କୋଟି ଓ ବସ୍ତି-ମୁକ୍ତକରଣ ଯୋଗୁଁ ବିସ୍ଥାପିତ ପରିବାରଙ୍କ ସହାୟତା ପାଇଁ ୧୨୫ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ଏହି ନୂଆ ଆବାସ ପ୍ରକଳ୍ପଗୁଡ଼ିକରେ ସୌରଶକ୍ତି, ବର୍ଷାଜଳ ସଂରକ୍ଷଣ ସହ ଅଙ୍ଗନୱାଡ଼ି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଖେଳପଡ଼ିଆ ଓ ପିଡିଏସ୍ କେନ୍ଦ୍ର ଭଳି ସୁବିଧା ରହିବ। ଅସହାୟ, ବଞ୍ଚିତ ଓ ଭିନ୍ନକ୍ଷମ ନାଗରିକଙ୍କୁ ଗୃହ ଆବଣ୍ଟନରେ ପ୍ରାଥମିକତା ଦିଆଯିବ।

## ଯନ୍ତରମନ୍ତର ...

କହିଛନ୍ତି ଯେ, ପିଲାଦିନେ କିମ୍ବା ଯୁବାବସ୍ଥାରେ ଭୁଲ୍ ହୋଇଥାଏ ଏବଂ ନିଜକୁ ସୁଧାରିବାର ସୁଯୋଗ ମଧ୍ୟ ଏହି ବୟସରେ ମିଳିଥାଏ। ଏହି ପିଲାମାନଙ୍କୁ ଦଣ୍ଡ ଦେବା, କୋର୍ଟ-କଚେରୀକୁ ଟାଣିବା କିମ୍ବା ହଇରାଣ କରିବା ଦ୍ୱାରା ପରିସ୍ଥିତି ବଦଳିବ ନାହିଁ। ଆମ ସମାଜର ଦାୟିତ୍ୱ ହେଉଛି ସେମାନଙ୍କୁ ଆପଣେଇ ନେଇ ସଠିକ୍ ରାସ୍ତା ଦେଖାଇବା। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ସେମାନଙ୍କୁ କ୍ଷମା କରିବାକୁ ଚାହୁଁଛି ଏବଂ ସମାଜକୁ ମଧ୍ୟ ଅନୁରୋଧ କରୁଛି ଯେ ସେମାନଙ୍କୁ କ୍ଷମା କରି ସଠିକ୍ ପଥରେ ଆଗେଇ ନେବାରେ ସାହାଯ୍ୟ କରନ୍ତୁ। ସେ ଆହୁରି କହିଛନ୍ତି ଯେ, ଯଦି ଦାନ୍ତ ଜିଭକୁ କାମୁଡ଼ିଦିଏ, ତେବେ ଆମେ ଦାନ୍ତକୁ ଉପାଡ଼ି ଫିଙ୍ଗିଦିଅନ୍ତି ନାହିଁ, କାରଣ ଦୁଇଟିଯାକ ଆମର।

## ତିନି ଦିନ ...

ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ୍ , ୭ଟି ଏନଡିଆରଏଫ୍ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ। ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ୍, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ୍ୟ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ୍ୟ କଡା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ।

## ଅଜିତ ଡୋଭାଲଙ୍କୁ ...

ଦେଶର ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଜିତ ଡୋଭାଲଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ପୁରସ୍କାର ଗ୍ରହଣ କରିବା ପରେ ଅତିଥିମାନେ ଡୋଭାଲଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ।୮୧ ବର୍ଷୀୟ ଅଜିତ ଡୋଭାଲ ଭାରତର ସବୁଠାରୁ ଦୀର୍ଘକାଳୀନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବର୍ତ୍ତମାନ ଏହି ପଦବୀରେ ଅଛନ୍ତି। ତାଙ୍କର ଦୀର୍ଘ କ୍ୟାରିୟର ମଧ୍ୟରେ, ସେ ମିଜୋରାମ, ସିକିମ, ପଞ୍ଜାବ ଏବଂ ଜମ୍ମୁ ଏବଂ କଶ୍ମୀର ଭଳି ସମ୍ବେଦନଶୀଳ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ସେ ଇସଲାମାବାଦ ଏବଂ ଲଣ୍ଡନରେ ଭାରତୀୟ ମିଶନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଡୋଭାଲ ଭାରତ-ଚୀନ୍ ସୀମା ଆଲୋଚନା ପାଇଁ ଭାରତର ସ୍ୱତନ୍ତ୍ର ପ୍ରତିନିଧି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ୨୦୧୭ରେ ଡୋକଲାମ ଗତିରୋଧକୁ କୂଟନୈତିକ ଭାବରେ ସମାଧାନ କରିବାରେ ତାଙ୍କର ଭୂମିକାକୁ ବିଶେଷ ଭାବରେ ପ୍ରଶଂସା କରାଯାଇଥିଲା। ଜାତୀୟ ସୁରକ୍ଷା ମୋର୍ଚ୍ଚା ଏବଂ ଆତଙ୍କବାଦ ବିରୋଧୀ ଅଭିଯାନରେ ତାଙ୍କର ରଣନୈତିକ ନିଷ୍ପତ୍ତି ପାଇଁ ତାଙ୍କୁ ସମ୍ମାନିତ କରାଯାଉଛି। ଲୋକମାନ୍ୟ ତିଲକ ପୁରସ୍କାର ୧୯୮୩ ମସିହାରେ ପୁଣେର ମହାରାଷ୍ଟ୍ର ମଣ୍ଡଳ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ପୁରସ୍କାର ପ୍ରତିବର୍ଷ ଅଗଷ୍ଟ ୧ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ବାଲ ଗଙ୍ଗାଧର ତିଲକଙ୍କ ମୃତ୍ୟୁ ବାର୍ଷିକୀରେ ଦେଶର ପ୍ରଗତି, ବିକାଶ ଏବଂ ସାମାଜିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଏ। ଏହି ପୁରସ୍କାର ପ୍ରଥମେ ସମାଜବାଦୀ ନେତା ଏସ୍.ଏମ୍. ଜୋଶୀଙ୍କୁ ପ୍ରଦାନ କରାଯାଇଥିଲା।ବିଗତ ବର୍ଷଗୁଡ଼ିକରେ, ଏହି ପୁରସ୍କାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ମନମୋହନ ସିଂହ ଏବଂ ଇନ୍ଦିରା ଗାନ୍ଧୀ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏବଂ ବରିଷ୍ଠ ଏନସିପି ନେତା ଶରଦ ପାୱାରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି।

## ବନ୍ୟା ପ୍ରଭାବିତ...

ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଡିସକମ୍ ଗୁଡ଼ିକ ପୁନରୁଦ୍ଧାର କାର୍ଯ୍ୟର ପ୍ରଗତି ବିଷୟରେ ଜଣାଇବା ସହ ନିଶ୍ଚିତ କରିଛନ୍ତି ଯେ, ବନ୍ୟା ଜଳ ହ୍ରାସ ପାଇବା ସହିତ ରାଜ୍ୟସାରା ପ୍ରଭାବିତ ଉପଭୋକ୍ତାଙ୍କ ମଧ୍ୟରୁ ୯୩% ଙ୍କୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇସାରିଛି। ଅଧିକାଂଶ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ଅତି ଦ୍ରୁତ ଗତିରେ ଚାଲିଥିବା ବେଳେ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଭଳି ଜିଲ୍ଲାର ତଳିଆ ଓ ଅତ୍ୟଧିକ ଜଳମଗ୍ନ ପକେଟ୍ ଗୁଡ଼ିକରେ ଜଳସ୍ତର ନକମିବା ଏବଂ ଯାତାୟାତ ପାଇଁ ସୀମିତ ସୁବିଧା ହେତୁ ସାମାନ୍ୟ ବିଳମ୍ବ ଘଟୁଛି। ବିଦ୍ୟୁତ କର୍ମକର୍ତ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ସାମଗ୍ରିକ ବିଦ୍ୟୁତ୍ ଭିତ୍ତିଭୂମିର କୌଣସି ବଡ଼ ଧରଣର ଗଠନମୂଳକ କ୍ଷତି ହୋଇନାହିଁ। ଅଚଳ କିମ୍ବା ପୋଡ଼ିଯାଇଥିବା ଟ୍ରାନ୍ସଫର୍ମରଗୁଡ଼ିକୁ ସ୍ଥାନୀୟ ସ୍ଥିତି ଅନୁଯାୟୀ ଯଥାଶୀଘ୍ର ବଦଳାଯାଉଛି। ଜନଜୀବନ ସୁରକ୍ଷାକୁ ପ୍ରାଥମିକତା ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ କଡାକଡି ଅନୁପାଳନ କରି, ଶକ୍ତି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିସକମ୍ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ପୁନରୁଦ୍ଧାର କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସାଧାରଣ ଜନତା ଏବଂ ଫିଲ୍ଡ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ କହିଛନ୍ତି। ଜଳମଗ୍ନ ଲାଇନ୍ କିମ୍ବା ସଂସ୍ଥାପନଗୁଡ଼ିକୁ ଚାଲୁ କରିବା ପୂର୍ବରୁ ଆବଶ୍ୟକ ସୁରକ୍ଷା ଯାଞ୍ଚ କରିବା, ଦୁର୍ଗମ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ସହ ନିବିଡ଼ ସମନ୍ୱୟ ରକ୍ଷା କରିବା, ଏବଂ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ବିଦ୍ୟୁତ୍ ବିଭ୍ରାଟର ସ୍ଥିତି ଏବଂ ଆଶାଯୋଗ୍ୟ ସମୟ ସୀମା ବିଷୟରେ ଜନସାଧାରଣଙ୍କୁ ରିଅଲ-ଟାଇମ୍ ଅପଡେଟ୍ ଦେବା ପାଇଁ ଡିସକମ୍ ଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ଫାଇଲ ଗାଏବ ...

ବିଭାଗରେ ରହିଥିଲା ଏବଂ ଏହାର ଦାୟିତ୍ୱ କାହା ପାଖରେ ଥିଲା। ନାଇଡୁ କମିଶନ ରିପୋର୍ଟ ଗାଏବ ହେବା ଘଟଣାକୁ ନେଇ ପୂର୍ବରୁ ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ରାଇମବ୍ରାଞ୍ଚର ତଦନ୍ତ ପରେ ଫାଇଲର ରହସ୍ୟ ଉପରୁ ପରଦା ହଟିବା ଆଶା କରାଯାଉଛି। ଫାଇଲ୍ କେବେ ଗାଏବ ହେଲା, କାହା ନିକଟରେ ଥିଲା ଏବଂ ଏଥିରେ କାହାର ଭୂମିକା ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

## ଇରାନ ସହିତ...

ଆକ୍ରମଣ ପାଇଁ ପ୍ରସ୍ତୁତି ନିର୍ଦ୍ଦେଶ ଦେଇଥିବା ରିପୋର୍ଟ ମଧ୍ୟରେ ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ ପରମାଣୁ ଆଲୋଚନା ଚାଲିଛି, କିନ୍ତୁ ସେ ତେହେରାନ ଉପରେ ବିଶ୍ୱାସ ହରାଇଛନ୍ତି। ସେ ଇରାନକୁ ଆଲୋଚନାରେ ସାମିଲ କରିବା କିନ୍ତୁ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେବାର ଅଭିଯୋଗ କରିଥିଲେ। କ୍ୟାମ୍ପ ଡେଭିଡରେ ଅନୁଷ୍ଠିତ ବୈଠକ ସମୟରେ ଟ୍ରମ୍ପ କହିଥିଲେ, "ସେମାନେ ମିଛ କୁହନ୍ତି ଏବଂ ତଥ୍ୟକୁ ବିକୃତ କରନ୍ତି। ସେମାନେ ସର୍ବଦା ଆଲୋଚନା କରିବାକୁ ଚାହାଁନ୍ତି, କିନ୍ତୁ ସେମାନେ ବାରମ୍ବାର ସେମାନଙ୍କର ପ୍ରତିଶ୍ରୁତି ଭାଙ୍ଗିଥାନ୍ତି।"

## ୫.୯ କୋଟିରୁ ...

ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ବଢ଼ାଯାଇଥିଲା । ସେହି ସମୟ ମଧ୍ୟରେ ୭.୩ କୋଟିରୁ ଅଧିକ ବ୍ୟକ୍ତି ଆୟକର ରିଟର୍ଣ୍ଣ ଦାଖଲ କରିଥିଲେ ।

## ଆଣ୍ଟି ପେପର ...

ଲିକ୍ ପଛରେ ଥିବା ସମଗ୍ର ନେଟୱାର୍କକୁ ଭାଙ୍ଗିବା ପାଇଁ ଲକ୍ଷ୍ୟ ରଖିଛି। ଏହା ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରବଳ ହଙ୍ଗାମା ପରେ ଲୋକସଭାରେ ସଂଶୋଧନ ବିଲ୍ ପାସ୍ ହୋଇଥିଲା। ବିଲ୍ ପାସ୍ ହେବା ପରେ, ଶିକ୍ଷା ମନ୍ତ୍ରୀ 'ଏକ୍ସ' ରେ ଏକ ପୋଷ୍ଟରେ ଲେଖିଛନ୍ତି: "ଲୋକସଭା ପବ୍ଲିକ୍ ପରୀକ୍ଷା (ଅନ୍ୟାୟ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ପାସ୍ କରିଛି, ଯାହା ପରୀକ୍ଷାରେ ଅନିୟମିତତାକୁ ମୁକାବିଲା କରିବା ପାଇଁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରୁଛି।" ଏହି ବିଲ୍ ରେ କଠୋର ଦଣ୍ଡ, ଫାଷ୍ଟ-ଟ୍ରାକ୍ କୋର୍ଟ, ଉନ୍ନତ ତଦନ୍ତ ପଦ୍ଧତି ଏବଂ ପରୀକ୍ଷା ଅନିୟମିତତା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି। ଏହାସହ ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ସମଗ୍ର ନେଟୱାର୍କକୁ ଭାଙ୍ଗିବା ଏବଂ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ କୁମ୍ଭିରଗାଡିଆରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ଜିନ୍ଦଲ ଷ୍ଟେନଲେସ୍‌ର ସିଏସ୍‌ଆର ଶାଖା ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଯାଜପୁର ଜିଲ୍ଲାର କୁମ୍ଭୀରଗଡ଼ିଆ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଶିବିରରେ ଟିକର, କୁମ୍ଭୀରଗଡ଼ିଆ, ଜଗାଡ଼ିହି ଏବଂ ଦାମୋଦରପୁର ଅଞ୍ଚଳର ପ୍ରାୟ ୩୧୦ ଜଣ ଗ୍ରାମବାସୀ ମାଗଣାରେ ସମନ୍ୱିତ ସ୍ୱାସ୍ଥ୍ୟସେବାର ସୁବିଧା ପାଇଥିଲେ। ଶିବିରରେ ଗ୍ରାମବାସୀଙ୍କୁ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ, ନିଦାନାତ୍ମକ ଲାବରେଟୋରୀ ପରୀକ୍ଷା ଏବଂ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା, ଯାହା ଫଳରେ ସେମାନେ ନିଜ ଘର ନିକଟରେ ହିଁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିଥିଲେ। ଜେନେରାଲ ମେଡିସିନ୍, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ଏବଂ ଚକ୍ଷୁ ରୋଗ ବିଭାଗର ଚାରିଜଣ ବିଶେଷଜ୍ଞ ଡାକ୍ତରଙ୍କ ସହ ଅଭିଜ୍ଞ ପାରାମେଡିକାଲ୍ କର୍ମଚାରୀମାନେ ବିଭିନ୍ନ ବୟସ ବର୍ଗର ରୋଗୀଙ୍କୁ ପରାମର୍ଶ, ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ପଦକ୍ଷେପ ଜିନ୍ଦଲ ଷ୍ଟେନଲେସ୍‌ର 'ନିରାମୟ' ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ସୁବିଧାକୁ ସୁଦୃଢ଼ କରିବା ଏବଂ କମ୍ପାନୀର



ଆଖପାଖ ଅଞ୍ଚଳର ସମୁଦାୟମାନଙ୍କ ମୌଳିକ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ପରିଚାଳିତ ହେଉଛି। ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ହସ୍ତକ୍ଷେପ ମାଧ୍ୟମରେ କମ୍ପାନୀ ସ୍ଥାନୀୟ ସମୁଦାୟର ସ୍ୱାସ୍ଥ୍ୟ ଓ କଲ୍ୟାଣ ବୃଦ୍ଧି ପାଇଁ ନିରନ୍ତର କାର୍ଯ୍ୟ କରୁଛି। ସମ୍ପ୍ରଦାୟ ସ୍ୱାସ୍ଥ୍ୟ ପ୍ରତି କମ୍ପାନୀର ଦାୟିତ୍ୱବୋଧ ବିଷୟରେ ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ୍‌ରେ ସମୁଦାୟର କଲ୍ୟାଣ ଆମର ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଦୃଷ୍ଟିକୋଣର ଏକ ଅଭିନ୍ନ ଅଂଶ। 'ନିରାମୟ' ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ପଡ଼ୋଶୀ ସମୁଦାୟମାନଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ପହଞ୍ଚ ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟସେବାର ମୁଖ୍ୟ ଅଭାବଗୁଡ଼ିକୁ ଦୂର କରିବା ପାଇଁ ପ୍ରତିବଦ୍ଧ। ଏହି ଶିବିରର ସଫଳତା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ଗୁରୁତ୍ୱକୁ ପୁଣିଥରେ ପ୍ରମାଣିତ କରିଛି ଏବଂ ଆଗାମୀ ଦିନରେ ମଧ୍ୟ ସମୁଦାୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଓ ସକାରାତ୍ମକ ପ୍ରଭାବ ସୃଷ୍ଟି କରୁଥିବା ପଦକ୍ଷେପଗୁଡ଼ିକରେ ଆମେ ନିବେଶ ଜାରି ରଖିବୁ।" ନିଜର ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ଜିନ୍ଦଲ ଷ୍ଟେନଲେସ୍ ହୁଡିସାହି, ଦାନଗଦିରେ ଅବସ୍ଥିତ ତାହାର ଷ୍ଟାଟିକ୍ ହେଲ୍ଥ କ୍ଲିନିକ୍ ମାଧ୍ୟମରେ ଆଖପାଖର ୧୫ଟି ଗ୍ରାମକୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ଏହା ସହିତ ମୋବାଇଲ୍ ହେଲ୍ଥକେୟାର ୟୁନିଟ୍ ନିୟମିତ ଭାବେ ଦୁର୍ଗମ ଅଞ୍ଚଳରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। କମ୍ପାନୀ ବର୍ଷ ସାରା ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ବିଷୟକ ସଚେତନତା ଅଭିଯାନ ମଧ୍ୟ ଆୟୋଜନ କରୁଛି। ଏହା ପୂର୍ବରୁ ସୁକିନ୍ଦା ବ୍ଲକ୍‌ର ବାର୍ନ୍ଦିଲୋ ଏବଂ ଦାମୋଦରପୁର ଗ୍ରାମରେ ଆୟୋଜିତ ସମାନ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ପ୍ରାୟ ୭୦୦ ଜଣ ଗ୍ରାମବାସୀ ଉପକୃତ ହୋଇଥିଲେ। ସ୍ୱାସ୍ଥ୍ୟ ଶିବିରକୁ କୁମ୍ଭୀରଗଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ବିନୋଦ କୁମାର ଦଳେଇ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରତିନିଧି ଲକ୍ଷ୍ମୀବଲ୍ଲଭ ସାମଲ, ପ୍ରଶାନ୍ତ କୁମାର ଜେନା ଓ ବଳରାମ ଆଇଚ ଏବଂ ଜିନ୍ଦଲ ଷ୍ଟେନଲେସ୍‌ର ସିଏସ୍‌ଆର ବିଭାଗର ସୁକାନ୍ତ ରଥ ଉପସ୍ଥିତ ଥିଲେ। କୁମ୍ଭୀରଗଡ଼ିଆର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ପରିଚାଳିତ ଟେଲରିଂ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନିୟମିତ ସ୍ୱାସ୍ଥ୍ୟ ଶିବିର, ଷ୍ଟାଟିକ୍ କ୍ଲିନିକ୍, ମୋବାଇଲ୍ ହେଲ୍ଥକେୟାର ୟୁନିଟ୍ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ତାହାର ଆଖପାଖ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗୁଣାତ୍ମକ ଚିକିତ୍ସା ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଛି।

# ପିଏମ୍ ସୂର୍ଯ୍ୟ ଘର ଯୋଜନା: ୫୦,୦୦୦ରୁ ଅଧିକ ଘର ଛାତରେ ରୁଫଟପ୍ ସୋଲାର ସ୍ଥାପନ କଲା ଟିପିସିଓଡିଏଲ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ୫୦,୦୦୦ରୁ ଅଧିକ ରୁଫଟପ୍ ସୋଲାର (ଆରଟିଏସ) ସ୍ଥାପନ କରିବାରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍) ରାଜ୍ୟର ପ୍ରଥମ ବିଦ୍ୟୁତ ବିତରଣ କମ୍ପାନୀ ଭାବରେ ଓଡ଼ିଶାର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ରୁଫଟପ୍ ସୋଲାରର ବୃଦ୍ଧି ପାଉଥିବା ବ୍ୟବହାରକୁ ଦର୍ଶାଉଛି ଏବଂ ଡିଷ୍ଟ୍ରିବ୍ୟୁଟେଡ୍ ରିନ୍ୟୁଏବଲ୍ ଏନର୍ଜି ର ପ୍ରସାର ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି। ଏହି ମାଇଲଖୁଣ୍ଟ ହାସଲ କରିବାରେ ଖୋର୍ଦ୍ଧା ଏବଂ କଟକ ଜିଲ୍ଲା ପ୍ରମୁଖ ଯୋଗଦାନକାରୀ ଭାବରେ ଉଭା ହୋଇଛନ୍ତି। ଖୋର୍ଦ୍ଧାରେ ୧୩,୩୫୮ ଟି ରୁଫଟପ୍ ସୋଲାର ସ୍ଥାପନ ହୋଇଥିବା ବେଳେ କଟକରେ ୧୨,୧୬୫ ଟି ସ୍ଥାପନ ରେକର୍ଡ କରାଯାଇଛି, ଯାହା ମିଶି ଟିପିସିଓଡିଏଲ୍‌ର ସମଗ୍ର ରୁଫଟପ୍ ସୋଲାର ଅଗ୍ରଗତିରେ ଏକ ବଡ଼ ଭୂମିକା ଗ୍ରହଣ କରୁଛନ୍ତି। ଟିପିସିଓଡିଏଲ୍‌ର ନିରନ୍ତର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଯେପରିକି 'ମୋ ଛାତ, ମୋ ସଞ୍ଚୟ' ଅଭିଯାନ, ସୂର୍ଯ୍ୟ ଘର ଗ୍ରାମସଭା ଏବଂ ବିଭିନ୍ନ ଜିଲ୍ଲାରେ ଚାଲିଥିବା 'ସୋଲାର ରଥ' ଅଭିଯାନ ଯୋଗୁଁ ଏହି ମାଇଲଖୁଣ୍ଟ ହାସଲ ହୋଇପାରିଛି, ଯାହା ରୁଫଟପ୍ ସୋଲାର ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାରେ ଅଧିକରୁ ଅଧିକ ଭାଗିଦାରୀକୁ ଉତ୍ସାହିତ କରୁଛି। ସୋଲାର ରଥ ଅଭିଯାନର ଏକ ଅଂଶ ଭାବରେ, 'ସୋଲାର ସାଙ୍ଗ' ଉପଭୋକ୍ତା ମାନଙ୍କୁ ରୁଫଟପ୍ ସୋଲାରର ଲାଭ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ମିଳୁଥିବା ଆର୍ଥିକ ସହାୟତା, ଯୋଗ୍ୟତା ମାପଦଣ୍ଡ, ଆବେଦନ ପ୍ରକ୍ରିୟା ଏବଂ ୟୁଏଲ୍‌ଏ ମଡେଲ୍ ଅଧୀନରେ ୧ କିଲୋୱାଟ୍ ରୁଫଟପ୍ ସୋଲାର ଏବଂ ୩ କିଲୋୱାଟ୍ ରୁଫଟପ୍ ସୋଲାର ସିଷ୍ଟମ୍‌ର ସ୍ଥାପନ ପ୍ରକ୍ରିୟା ବିଷୟରେ ଶିକ୍ଷିତ କରୁଛନ୍ତି, ଯାହା ସେମାନଙ୍କୁ ନିଜର ଶକ୍ତି ଆବଶ୍ୟକତା ଅନୁଯାୟୀ ସର୍ବୋତ୍ତମ ବିକଳ୍ପ ବାଛିବାରେ ସାହାଯ୍ୟ କରୁଛି। ଏହିସବୁ କାର୍ଯ୍ୟକ୍ରମ ବ୍ୟତୀତ, ଅଧିକ ଉପଭୋକ୍ତାଙ୍କୁ ରୁଫଟପ୍ ସୋଲାର ସିଷ୍ଟମ୍ ଆପଣାଇବା ପାଇଁ ଉତ୍ସାହିତ କରିବାକୁ ଟିପିସିଓଡିଏଲ୍ ଅନେକ ସଚେତନତା ଓ ଆଉଟରିଚ୍ ପ୍ରୋଗ୍ରାମ କାର୍ଯ୍ୟକାରୀ କରୁଛି। ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ. କାଲେ କହିଛନ୍ତି ଯେ, 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ୫୦,୦୦୦ ରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନର ମାଇଲଖୁଣ୍ଟ ଅତିକ୍ରମ କରିବା ଟିପିସିଓଡିଏଲ୍ ଏବଂ ଓଡ଼ିଶାର ସ୍ୱଚ୍ଛ ଶକ୍ତି ମିଶନ ପାଇଁ ଏକ ଗୌରବପୂର୍ଣ୍ଣ ସଫଳତା। ଏହା ଆମ ଉପଭୋକ୍ତା ମାନଙ୍କ ଆସ୍ଥା ଏବଂ ଆମର କର୍ମଚାରୀ, ବିଜନେସ ଆସୋସିଏଟ୍, ରାଜ୍ୟ ପ୍ରଶାସନ ଓ ଅନ୍ୟାନ୍ୟ ସମସ୍ତ ଅଂଶୀଦାରମାନଙ୍କର ମିଳିତ ପ୍ରଚେଷ୍ଟାକୁ ଦର୍ଶାଉଛି। ଆମେ ରୁଫଟପ୍ ସୋଲାର ବ୍ୟବହାରକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଓଡ଼ିଶାର ଏକ ସବୁଜିମାପୂର୍ଣ୍ଣ ଓ ଶକ୍ତି- ସୁରକ୍ଷିତ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ସହାୟତା କରିବା ପାଇଁ ପ୍ରତିବଦ୍ଧ ଅଛୁ।'ନିରନ୍ତର ଉପଭୋକ୍ତା ସହଭାଗିତା, ସରଳୀକୃତ କାର୍ଯ୍ୟକାରିତା ଏବଂ ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ଦୃଢ଼ ସହଯୋଗ ସହିତ, ଟିପିସିଓଡିଏଲ୍ ଓଡ଼ିଶାକୁ ସ୍ୱଚ୍ଛ ଏବଂ ଦୀର୍ଘସ୍ଥାୟୀ ଶକ୍ତି ଆଡ଼କୁ ଅଗ୍ରସର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।।



ଭୁବନେଶ୍ୱର, ୨ ଅଗଷ୍ଟ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବନ୍ୟାଜଳ ହ୍ରାସ : ମନ୍ଦିରକୁ ଫେରିଲେ ମା' ଭଟ୍ଟାରିକା



**ଆଠଗଡ଼ ୧।୮ ନ୍ୟୁଜ ବ୍ୟୁରୋ**

ଆଠଗଡ଼ରେ କମିଛି ବନ୍ୟାର ପ୍ରକୋପ। ବନ୍ୟା ବିଭୀଷିକା ପରେ ପୁଣି ଚଳଚଞ୍ଚଳ ହେଲା ମା' ଭଟ୍ଟାରିକାଙ୍କ ପୀଠ । ଗର୍ଭଗୃହକୁ ଫେରିଲେ ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା । ଭକ୍ତିରେ ଝଲସି ଉଠିଲା ପୀଠ ପରିସର । ବଡ଼ମ୍ବା ଗଡ଼ର ଆରାଧ୍ୟ ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ପୁଣି ଥରେ ନିଜ ପବିତ୍ର ଗର୍ଭଗୃହକୁ ବିରାଜମାନ ହୋଇଛନ୍ତି । ବନ୍ୟାର ବିଭୀଷିକା ପରେ ମା' ଫେରିଥିବାରୁ ଭକ୍ତମାନଙ୍କ ମନରେ ଅପାର ଆନନ୍ଦ ଓ ଆଶ୍ୱସ୍ତି । ବୈଦିକ ପରମ୍ପରା ଅନୁଯାୟୀ, ମା'ଙ୍କର ସମସ୍ତ ନୀତିକାନ୍ତି ଓ ପୂଜାର୍ଚ୍ଚନା ପୁନର୍ବାର ସୂଚାରୁ ଭାବେ ଆରମ୍ଭ ହୋଇଛି। ପୀଠ ପରିସର ପୁଣି ଥରେ ଘଣ୍ଟ, ଶଙ୍ଖଧ୍ୱନି ଓ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଛି । ତେବେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ଆଇନ-ଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ପୀଠ ପରିସରରେ ବିଏନ୍‌ଏସ୍ ଧାରା ୧୬୩ ବଳବତ୍ତର ରହିଛି । ପ୍ରଶାସନ ପକ୍ଷରୁ ସମସ୍ତ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଉଥିବା ବେଳେ, ମା'ଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ମନରେ ପୁଣି ଜାଗି ଉଠିଛି ଅସୀମ ଆସ୍ଥା ଓ ଆଧ୍ୟାତ୍ମିକ ଉତ୍ସାହ। ଗୋଟିଏ ପଟେ ଆଠଗଡ଼ରେ କମିଛି ବନ୍ୟାର ପ୍ରକୋପ । କିନ୍ତୁ ବଢ଼ିଛି ଲୋକଙ୍କ ଦୁର୍ଦ୍ଦଶା । ସାପୁଆ ନଦୀର ରମ୍ଭା ବନ୍ଧ ଠାରେ ହୋଇଥିବା ୩୦ ଫୁଟର ଘାଇ ଏବେ ଚାଷୀମାନଙ୍କୁ ଦେଇଛି ଅନେକ ଦୁର୍ଦ୍ଦଶା । ଅନ୍ୟପଟେ ସେଇ ଘାଇ ଯୋଗୁ ପୁରୁଣା କଟକ ସମ୍ବଲପୁର ରାସ୍ତାର ଘଣ୍ଟିଖାଲ ଗଡା, ରାସ୍ତା ଉପରେ ଚାଲିଛି ବନ୍ୟାଜଳ । ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏବେ ବି ଶହ ଶହ ଏକର ଚାଷ ଜମି ପ୍ରଭାବିତ ହୋଇଛି । ସେପଟେ ରାଜ୍ୟରେ ବନ୍ୟା ସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର କ୍ଷୟକ୍ଷତି ରିପୋର୍ଟ ୩ ଦିନ ଭିତରେ ଦେବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



ଭୁବନେଶ୍ୱର : ଶ୍ରାବଣର ପ୍ରଥମ ସୋମବାର ପାଇଁ ୟୁନିଟ୍-୧ ହାଟ ପାର୍ଶ୍ୱରେ କାଉଡି ଭାର ପ୍ରସ୍ତୁତିରେ ବ୍ୟସ୍ତ ବେପାରୀ। (ଫଟୋ : ସମ୍ବାଦ କଳିକା)

# ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ



## କୁମ୍ଭୀର ପ୍ରଜନନ ପାଇଁ ଥିଲା ବନ୍ଦ

**କେନ୍ଦ୍ରାପଡ଼ା, ୧/୦୮**
**ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲିଛି ଭିତରକନିକା ଜାତୀୟ ଉଦ୍ୟାନ । କୁମ୍ଭୀର ପ୍ରଜନନ ପାଇଁ ଦୀର୍ଘ ତିନି ମାସ ଧରି ବନ୍ଦ ଥିବା ଜାତୀୟ ଉଦ୍ୟାନକୁ ଶନିବାରଠାରୁ ଖୋଲାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମେ' ମାସ ୧ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଉଦ୍ୟାନ ମଧ୍ୟକୁ ପର୍ଯ୍ୟଟକମାନଙ୍କ ପ୍ରବେଶ ନିଷେଧ ହୋଇଥିଲା। ଏହି ତିନିମାସରେ କୁମ୍ଭୀର ଅଣ୍ଡାଦେବା ସହ ସେହି ଅଣ୍ଡାଗୁଡିକୁ ଜଗି ରହିଥିବାରୁ ଅନ୍ୟ ସମୟ ଅପେକ୍ଷା ହିଂସ୍ର ହୋଇଥାନ୍ତି। ଉକ୍ତ ସମୟ ମଧ୍ୟରେ କୁମ୍ଭୀର ଆକ୍ରମଣ ଭୟ ଆଶଙ୍କା ରହିଥିବାରୁ ପର୍ଯ୍ୟଟକମାନଙ୍କୁ ଭିତରକନିକା ସୌନ୍ଦର୍ଯ୍ୟ ଉପଭୋଗ କରିବାରୁ ବାରଣ କରାଯାଇଥାଏ । ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ୍ ଗାଓଁକର କହିଛନ୍ତି, 'ଭିତରକନିକା ମଧ୍ୟରେ ରହୁଥିବା ବଉଳା କୁମ୍ଭୀରମାନଙ୍କ ଅଣ୍ଡାଦାନ ପାଇଁ ତିନି ମାସ ଧରି ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ରବେଶ ବାରଣ ରହିଥିଲା । ଶନିବାର ଠାରୁ ଏହା ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯାଇଛି । ଚଳିତଥର ପର୍ଯ୍ୟଟକମାନଙ୍କ ପାଇଁ ପ୍ରକୃତିର ସୁନ୍ଦରତା ଉପଭୋଗ କରିବା ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଛି । ଏହାସହ ପ୍ଲାଷ୍ଟିକ ବ୍ୟବହାର କରିବା ସମ୍ପୂର୍ଣ୍ଣ ବାରଣ ରହିଛି । ଭିତ୍ତିଭୂମିର ବିକାଶ ସହ ଅତ୍ୟାଧୁନିକ ବୋଟିଂ ସୁବିଧା ପର୍ଯ୍ୟଟକମାନଙ୍କ ପାଇଁ ଉପଲବ୍ଧ ହେବ।' ତେବେ କୁମ୍ଭୀର ଅଣ୍ଡାଦାନ ପାଇଁ ବନ୍ଦ ରହିଥିବା ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ୧୧୭ଟି ବଉଳା କୁମ୍ଭୀର ବସା ଚିହ୍ନଟ କରାଯାଇଛି। ଏହା ଗତବର୍ଷ ତୁଳନାରେ ମାତ୍ର ଗୋଟିଏ ବଢ଼ିଛି । ଭିତରକନିକାର ନଦୀ ନାଳରେ ବାସ କରୁଥିବା ବଉଳା କୁମ୍ଭୀରଙ୍କ ୧୧୭ ବସା ଚିହ୍ନଟ ହୋଇଥିବା ବନବିଭାଗ ସୂତ୍ରରୁ ସୂଚନା ଦିଆଯାଇଥିଲା ।

## ନାଲ୍‌କୋର ଆର୍ଥିକ ବର୍ଷ ୨୦୨୬ -୨୭ର ପ୍ରଥମ ତ୍ରୈମାସିକ ଫଳାଫଳ

# ୮୮ % ବୃଦ୍ଧି ସହ ୨୦୦୨.୩୮ କୋଟି ଟଙ୍କାର ନିଟ୍ ଲାଭ





**ଭୁବନେଶ୍ୱର,୧/୦୮**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ଏବଂ ଦେଶର ପ୍ରମୁଖ ଆଲୁମିନିୟମ ନିର୍ମାତା ତଥା ରପ୍ତାନିକାରୀ କମ୍ପାନୀ ନାଲ୍‌କୋ ପକ୍ଷରୁ ଆର୍ଥିକ ବର୍ଷ ୨୦୨୬ - ୨୭ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଆର୍ଥିକ ଫଳାଫଳ ଅନୁଯାୟୀ ଜୁନ୍ ୩୦, ୨୦୨୬ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ନିଟ୍ ଲାଭରେ ୮୮% ବୃଦ୍ଧି ସହ ମୋଟ ଲାଭ ୨୦୦୨.୩୮ କୋଟି ଟଙ୍କା ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୦୬୩.୮୬ କୋଟି ଟଙ୍କା ଥିଲା । ଏଥି ସହ, ପ୍ରଥମ ତ୍ରୈମାସିକରେ ମୋଟ ବ୍ୟବସାୟ ୩୧% ବୃଦ୍ଧି ପାଇ ୫୩୦୨.୩୮ କୋଟି ଟଙ୍କାରେ ପହଞ୍ଚିଛି । ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ନାଲ୍‌କୋ ଅନ୍ତିମ ଲାଭାଂଶ ହିସାବରେ ପ୍ରତି ଇକ୍ୱିଟି ସେୟାର ପିଛା ୧ ଟଙ୍କା ହିସାବରେ ମୋଟ ୧୮୩.୬୬ କୋଟି ଟଙ୍କାର ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହାକୁ ଆଗାମୀ ୪୫ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ। ଫଳାଫଳ ସମ୍ବନ୍ଧରେ ନିଜର ମତ ରଖି ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, "ପ୍ରଥମ ତ୍ରୈମାସିକର ଦୃଢ଼ ପ୍ରଦର୍ଶନ, ଅନୁକୂଳ ବିଶ୍ୱ ଆଲୁମିନିୟମ ମୂଲ୍ୟ, ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରୟ ପରିମାଣ - ବିଶେଷକରି ଘରୋଇ ଆଲୁମିନା ବିକ୍ରୟରେ ବୃଦ୍ଧି ଏବଂ ଏକ ଅନୁକୂଳ ଘରୋଇ ବ୍ୟବସାୟ ପରିବେଶ ଦ୍ୱାରା ହାସଲ ହୋଇଛି । ଏଥି ସହ, ସେ ନିର୍ଦ୍ଦେଶକ ମଣ୍ଡଳୀର ରଣନୈତିକ ମାର୍ଗଦର୍ଶନ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ଏକ ଦୃଢ଼ ବ୍ୟବସାୟିକ ପ୍ରାରମ୍ଭ ହୋଇଛି ବୋଲି ମତ ପ୍ରକାଶ କରିଛନ୍ତି । ଶ୍ରୀ ସିଂହ ଆହୁରି କହିଛନ୍ତି ଯେ, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ଦ୍ୱାରା କମ୍ପାନୀ ଆଗକୁ ବଢ଼ିବା ସହିତ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ସମାପ୍ତି ଉପରେ ଧ୍ୟାନ ଦେଉଛି । ଆଗାମୀ ଦିନରେ କମ୍ପାନୀ ଉତ୍ପାଦନ କ୍ଷମତା ବୃଦ୍ଧି, ଅଂଶୀଦାରମାନଙ୍କୁ ନିରନ୍ତର ମୂଲ୍ୟ ପ୍ରଦାନ, ଗବେଷଣା, ବିକାଶ ଓ ନବସୃଜନ ଏବଂ ସମ୍ବଳ ବ୍ୟବହାରକୁ ଅପ୍ଟିମାଇଜ୍ କରିବା ଉପରେ ଗୁରୁତ୍ୱ ଦେଉଛି। ଉଲ୍ଲେଖନୀୟ ଯେ, ପ୍ରଥମ ତ୍ରୈମାସିକରେ ଉତ୍ପାଦନ କ୍ଷେତ୍ରରେ ମଧ୍ୟ କମ୍ପାନୀ ସର୍ବକାଳୀନ ସର୍ବାଧିକ ୧୯.୫୨ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ସର୍ବକାଳୀନ ସର୍ବାଧିକ ୫.୭୭ ଲକ୍ଷ ଟନ୍ କାଲସାଇଣ୍ଡ ଆଲୁମିନା ଉତ୍ପାଦନ ରେକର୍ଡ କରିବା ସହ ପ୍ରଥମ ତ୍ରୈମାସିକରେ ସର୍ବାଧିକ ୩.୪୭ ଲକ୍ଷ ଟନ୍ ଆଲୁମିନା/ହାଇଡ୍ରେଟ୍ ବିକ୍ରୟ କରିଛି।

## ୭ଦିନରେ ସବୁ ଘାଇ ହେବ ମରାମତି

**ଭୁବନେଶ୍ୱର, ୦୧/୦୮**
**ନ୍ୟୁଜ ବ୍ୟୁରୋ**

ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ସବୁ ଘାଇ ୭ ଦିନ ଭିତରେ ମରାମତି ହେବ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ମୌସୁମୀ ପୂର୍ବରୁ ସମସ୍ତ ନଦୀ ବନ୍ଧର ଯାଞ୍ଚ ହୋଇଥିଲା। ଚଳିତ ବର୍ଷ ଆକଳନ ବାହାରେ ବର୍ଷା ହୋଇଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୧/୦୮/୨୦୨୬
୪,୫୮,୨୪୬/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୫୬ ଗ୍ରାମ୍ ୮୦୦ ମିଲିଗ୍ରାମ

# ଯାଜପୁର ଜିଲ୍ଲା ବନ୍ୟାରେ ୮ବ୍ଲକର ୨,୧୩,୮୨୧ ଲୋକ ପ୍ରଭାବିତ

**ଯାଜପୁର,୧/୦୮ ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଲାବିତ ହୋଇଅଛି। ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି। ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ କେହି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରଦାନ କରାଯାଉଛି। ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ



## ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି

ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ଦଶରଥପୁର ବ୍ଲକର କୟାଁଗୋଲା, କମାରଡିହ ପଞ୍ଚାୟତ ଏବଂ ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଜିଲ୍ଲାପାଳ ଦଶରଥପୁର ଓ ବିଂଝାରପୁର ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଶନିବାର ଅପରାହ୍ନ ୪ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୧୧୭ଟି ଗ୍ରାମ ପଞ୍ଚାୟତ, ୩୨୮ ଟି ଗ୍ରାମ ଓ ଯାଜପୁର ମ୍ୟୁନିସିପାଲିଟି ପ୍ରଭାବିତ ହୋଇଛି। ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୨,୧୩,୮୨୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୭୭,୬୫୪ ଜଣଙ୍କୁ ଉଦ୍ଧାର କରାଯାଇ ୧୮୨ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୧୮୨ ଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୧,୫୧,୧୫୯ଟି ଗୃହପାଳିତ ପଶୁ, ୨୪,୩୦୭ କୁକୁଡ଼ା ପ୍ରଭାବିତ ହୋଇଥିବା ବେଳେ ୨୫୦୮୧.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛି। ୧୨ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୧୨ଟି ଭେଟେନାରି ଟିମ୍ ନିୟୋଜିତ ହୋଇଛନ୍ତି। କମ୍ ପ୍ରଭାବିତ ଅଞ୍ଚଳରେ କ୍ଷୟ କ୍ଷତି ଆକଳନ କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

## ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଟ୍ରାଫିକ୍ କଟକଣା

# ଅଗଷ୍ଟ ୬ରୁ ଆରମ୍ଭ ହେବ ଫ୍ଲାଏଓଭର ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ କାର୍ଯ୍ୟ

**ଭୁବନେଶ୍ୱର,୦୧/୦୮**
**ନ୍ୟୁଜ ବ୍ୟୁରୋ**

ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଫ୍ଲାଏଓଭର ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ କଳିଙ୍ଗ ଷ୍ଟାଡିୟମ ଗେଟ୍ ନଂ ୭ ଓ ୮, ପାଲହାଇଟ୍ସ ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକକୁ ଚିହ୍ନଟ କରାଯାଇଛି । ଆସନ୍ତା ୬ ତାରିଖରୁ ସେପ୍ଟେମ୍ବର ୧୯ ତାରିଖ ଯାଏ ଏହି ମୃତ୍ତିକା ପରୀକ୍ଷଣ ଚାଲିବ । ଏହି ପରୀକ୍ଷଣ ପାଇଁ ରାସ୍ତାର କିଛି ଅଂଶ ଅବରୋଧ ହୋଇ ଟ୍ରାଫିକ୍ ଜାମ ହେବାର ଆଶଙ୍କା ରହିଛି । ଏହି ଦେଢ଼ମାସ ଯାଏ ସେହି ରାସ୍ତାରେ ନ ଯିବାକୁ ପୁଲିସ ଚେତାଇଛି । ବିଶେଷକରି ବେହେରା ସାହି ଛକ ଓ କିଟ୍ ଛକକୁ ଭିତରେ ହିଁ ଟ୍ରାଫିକ୍ ସମସ୍ୟା ଉପୁଜିବ । ଏଥିପାଇଁ ବକଳ୍ପ ରାସ୍ତାରେ ଯିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛି ପୁଲିସ କମିଶନର।



ଏବେ ବଜାରରେ ଉପଲବ୍ଧ...
ମାସିକ ଗଳ୍ପ ପତ୍ରିକା
"କଥାକଳିକା"ର ଅଗଷ୍ଟ-୨୦୨୬ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ।
**ସମକାଳର କଥା :** ନଗେନ୍ଦ୍ର ପଟ୍ଟନାୟକ, ଦାଶରଥୀ ଭୂୟାଁ, ଭାସ୍କର ଜେନା, ଭାଗିରଥୀ ବେହେରା, ଲକ୍ଷ୍ମଣ ସାହୁ, କାଳିକିଙ୍କର, ସଚ୍ଚିଦାନନ୍ଦ କର, ରେବା ପଟ୍ଟନାୟକ, ସଂଯୁକ୍ତା ଦାଶ, ସୁରେଶ ନାଗ, ସୁଚିତ୍ରା ବେହେରା, ପ୍ରତାପ କୁମାର ପଣ୍ଡା।
**ସାକ୍ଷାତକାର:** ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର।
**ପୁସ୍ତକ ସମୀକ୍ଷା :** ଆଷାଢ଼ର ଅଭିସାରିକା।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବମାନସର କଥା :** ନିର୍ବିକାର ପ୍ରଭାତ, ଲକ୍ଷ୍ମଣ ବେହେରା, କୁନଲତା ତ୍ରିପାଠୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଷ୍ଟ୍ରପତି ଭବନରେ ନିଜର ଅଭିନବ ଉତ୍ପାଦ ପ୍ରଦର୍ଶନ କଲେ ଓଡ଼ିଶାର ୩ ଷ୍ଟାର୍ଟଅପ୍

**ନୂଆଦିଲ୍ଲୀ / ଭୁବନେଶ୍ୱର**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। 'ଷ୍ଟାର୍ଟଅପ୍ ଓଡ଼ିଶା' ସହଯୋଗରେ ଆଗକୁ ବଢ଼ୁଥିବା ତିନିଟି ଷ୍ଟାର୍ଟଅପ୍ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନର କଲଚରାଲ ସେଣ୍ଟର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀରେ ଭାଗନେଇ ନିଜର ଅଭିନବ ଉତ୍ପାଦ ପ୍ରଦର୍ଶନ କରିଛନ୍ତି । ଏହି ସୁଯୋଗ ପାଇଥିବା ଉଦ୍ୟୋଗଗୁଡ଼ିକ ମଧ୍ୟରେ ରହିଛି ଗାର୍ଗୀ ଅଟୋମେଟେଡ୍ ଆଣ୍ଡ୍ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ, ନ୍ୟୁରୁପ୍ ଟେକ୍ ସଲ୍ୟୁସନ୍ସ ଏବଂ ଅର୍ବାନ୍-ହାଇଫି ବାୟୋସାଇନ୍ସ । ଏହି ନବସୃଜନ ଅଧାରିତ ଷ୍ଟାର୍ଟଅପ୍ ଉଦ୍ୟୋଗର ପ୍ରତିଷ୍ଠାତାମାନେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ନିଜ ନିଜର ଉତ୍ପାଦ ଉପସ୍ଥାପନ କରିବାର ସୁଯୋଗ ପାଇ ଥିଲେ। 'ଅଟଳ ଇନୋଭେସନ ମିଶନ' ଅଧୀନରେ ଦେଶର ବିଭିନ୍ନ ସ୍ଥାନରୁ ଚୟନ ହୋଇ ଆସିଥିବା ତୃଣମୂଳ ସ୍ତରର ଏହି ଯୁବ ଉଦ୍ୟୋଗୀମାନଙ୍କ ମଧ୍ୟରେ ଓଡ଼ିଶାର ତିନି ଉଦ୍ୟୋଗୀ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଭାରତ ଏକ ବିକଶିତ ଓ ଦୃଢ଼ ଅର୍ଥନୀତି ଭାବେ ଗଢ଼ି ଉଠୁଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ନବସୃଜନର କେନ୍ଦ୍ର ପାଲଟିଛି। ତେଣୁ ଜାତୀୟ ସ୍ତରରେ ଓଡ଼ିଶାର ଷ୍ଟାର୍ଟଅପ୍ ଗୁଡ଼ିକୁ ମିଳିଥିବା ଏହି ସ୍ୱୀକୃତି କେବଳ ସେମାନଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟକୁ ଦର୍ଶାଉଛି। ରାଜ୍ୟର ଯୁବ ଉଦ୍ୟୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହା କହିଛନ୍ତି। ରାଜ୍ୟର ଯୁବ ଉଦ୍ୟୋଗୀ ତଥା ନବସୃଜନକାରୀଙ୍କ ଭିତରେ ଥିବା ଅନନ୍ୟ ପ୍ରତିଭାକୁ ବିକଶିତ କରିବାରେ 'ଓଡ଼ିଶା ଷ୍ଟାର୍ଟଅପ୍ ନୀତି' ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଫଳରେ ଓଡ଼ିଶାର ଷ୍ଟାର୍ଟଅପ୍ ଗୁଡ଼ିକ ଲଗାତାର ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହ ରାଜ୍ୟ ପାଇଁ ଗୌରବ ଆଣୁଛନ୍ତି ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା କହିଛନ୍ତି। ଯୁବ ଓ ମହିଳା ଉଦ୍ୟୋଗୀମାନଙ୍କ ସୃଜନଶୀଳ ଚିନ୍ତାଧାରାକୁ ଆଗକୁ ନେବା ପାଇଁ ଓଡ଼ିଶା ଏକ ସଶକ୍ତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଢ଼ି ତୋଳୁଛି। ଅଭିନବ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଯୁବ ଉଦ୍ୟୋଗୀଙ୍କ ଭିତରେ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ଯାଇ 'ଷ୍ଟାର୍ଟଅପ୍ ଓଡ଼ିଶା' ମାଧ୍ୟମରେ ଆର୍ଥିକ ସହାୟତା ଓ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ସ୍ମୃତିରଞ୍ଜନ ପ୍ରଧାନ କହିଛନ୍ତି। ଶୀତଲ ଜିମାନିଙ୍କ ଦ୍ୱାରା ପ୍ରତିଷ୍ଠିତ ଗାର୍ଗୀ ଅଟୋମେଟେଡ୍ ଆଣ୍ଡ୍ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଅତ୍ୟାଧୁନିକ ଅଟୋମେଟେଡ୍ ଏବଂ ରୋବୋଟିକ୍ ଉପକରଣ ବିକାଶ କରାଯାଉଛି। ଏହି ଷ୍ଟାର୍ଟଅପ୍ ସ୍ୱୟଂଚାଳିତ ଟ୍ରାନ୍ସଫର୍ମେବଲ୍ ବେଡ୍-ଚେୟାର ଓ ଏକ୍ସୋସ୍କେଲେଟନ୍ ଭଳି ଆଧୁନିକ ଉତ୍ପାଦ ପ୍ରସ୍ତୁତ କରୁଛି। ଅନୁପ ପାଇକରାୟଙ୍କ ଦ୍ୱାରା ସ୍ଥାପିତ ଓଡ଼ିଶାର ଷ୍ଟାର୍ଟଅପ୍ ନ୍ୟୁରୁପ୍ ଟେକ୍ ସଲ୍ୟୁସନ୍ସ ପକ୍ଷରୁ ପ୍ରସ୍ତୁତ ଉତ୍ପାଦ 'ଚୁଲିଭ୍' ପାରମ୍ପରିକ ରୋଷେଇ ବ୍ୟବସ୍ଥାକୁ ଏକ ଆଧୁନିକ ରୂପ ଦେଇଛି। ଏହା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହ ସ୍ୱାସ୍ଥ୍ୟକର ପରିବେଶ ଓ ଇନ୍ଧନ ସଞ୍ଚୟକାରୀ ରୋଷେଇ ପ୍ରଣାଳୀକୁ ପ୍ରୋତ୍ସାହିତ କରୁଛି। ସେହିପରି ଅଧିରାଜ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଅର୍ବାନ୍-ହାଇଫି ବାୟୋସାଇନ୍ସ ପକ୍ଷରୁ କୃଷି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ପରିବେଶ ଅନୁକୂଳ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହି ଷ୍ଟାର୍ଟଅପ ଛତୁରୁ ଆଧୁନିକ-ଚମଡ଼ା ବିକଶିତ କରି ବଜାର ପାଇଁ ପ୍ରାଣୀ ଚମଡ଼ାର ବିକଳ୍ପ ସୃଷ୍ଟି କରିଛି । ରାଜ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବା, ଉଦ୍ୟୋଗୀମାନଙ୍କୁ ସହାୟତା ଓ ପ୍ରୋତ୍ସାହନ ପ୍ରଦାନ କରିବା ସହ ସେମାନଙ୍କ ଉଦ୍ଭାବନକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ 'ଷ୍ଟାର୍ଟଅପ୍ ଓଡ଼ିଶା' ନିରନ୍ତର ପ୍ରୟାସ କରୁଛି। ତେଣୁ ଜାତୀୟ ସ୍ତରରେ ପ୍ରଦର୍ଶିତ ଏହି ଷ୍ଟାର୍ଟଅପଗୁଡ଼ିକର ସଫଳତା ରାଜ୍ୟର ଯୁବ ଉଦ୍ୟୋଗୀ ତଥା ନବସୃଜନକାରୀଙ୍କ ଭିତରେ ଆଗାମୀ ଦିନରେ ନୂଆ ଉତ୍ସାହ ସୃଷ୍ଟି କରିବ ।